**ସଂକ୍ଷେପରେ**

## କୃଷ୍ଣ ସିଂହ ପାଇବେ 'ନବକୃଷ୍ଣ ଚୌଧୁରୀ ଜନସେବା ସମ୍ମାନ'



**ଭୁବନେଶ୍ୱର,୨୨।୧୧(ବ୍ୟୁରୋ):** ବର୍ଷୀୟାନ୍ ଭୂଦାନ ନେତା, ଶିକ୍ଷାବିତ୍, ସାମାଜିକ କର୍ମୀ, କବି ଓ ଲେଖକ କୃଷ୍ଣ ସିଂହଙ୍କୁ ଚଳିତବର୍ଷ ପାଇଁ 'ନବକୃଷ୍ଣ ଚୌଧୁରୀ ଜନସେବା ସମ୍ମାନ' ପାଇବାକୁ ମନୋନୀତ ହୋଇଛନ୍ତି। ସୋମବାର ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସଠାରେ ଉତ୍କଳ ନବଜୀବନ ମଣ୍ଡଳ, ଅନୁଗୋଳ ଜିଲା ସାହିତ୍ୟ ସଂସଦ ଓ ବାଜିରାଉତ ଛାତ୍ରାବାସର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୧୯ତମ ଜୟନ୍ତୀ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ କୃଷ୍ଣ ସିଂହଙ୍କ ଆତ୍ମଜୀବନୀ 'ମୋ ଜୀବନ ମୋ ଉପାସନା' ମଧ୍ୟ ଉନ୍ମୋଚନ କରାଯିବାର କାର୍ଯ୍ୟକ୍ରମ ରହିଛି। ମହାତ୍ମା ଗାନ୍ଧୀ ଓ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କୃଷ୍ଣ 'କୋରାପୁଟ ଗାନ୍ଧୀ'ଭାବେ ସୁପରିଚିତ।

## ଆକ୍ରମଣ: କଣ୍ଟ୍ରାକ୍ଟର ଗିରଫ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ):** ଜଣେ ଯୁବକଙ୍କୁ ଆକ୍ରମଣ କରି ସୁନାଚେନ୍ ଛଡାଇନେବା ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ରବିବାର ଜଣେ କଣ୍ଟ୍ରାକ୍ଟରଙ୍କୁ ଗିରଫ କରିଛି। ସେ ହେଲେ ସୁନ୍ଦରଗଡର ରଞ୍ଜନ ବେଉରିଆ। ସେ ବମିଖାଲର ଜଗନ୍ନାଥ ନଗର ଲେନ୍-୩ରେ ରହିବା ସହ କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ କରନ୍ତି। ଗତ ୨୧ ତାରିଖ ସକାଳେ ବମିଖାଲର ଚନ୍ଦନ ଜେନା ଏକ ଦୋକାନରେ ବସି ଚା' ପିଉଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ରଞ୍ଜନ ତାଙ୍କୁ ଆକ୍ରମଣ କରି ସୁନାଚେନ୍ ଛଡ଼ାଇ ନେଇଥିଲେ।

# ପୁରୀ: ପୁଣି ଏକ ଥାର୍ଡ ଡିଗ୍ରୀ ଅଭିଯୋଗ

**ପୁରୀ ଅଫିସ,୨୨।୧୧**

ଥାନା ହାଜତରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ସମଗ୍ର ରାଜ୍ୟରେ ଏବେ ପୁରୀ ଜିଲା ଚର୍ଚ୍ଚାରେ ରହିଛି । ବାସେଳିସାହି ଥାନା ହାଜତ ମୃତ୍ୟୁ ପରେ ପିପିଲି ଥାନାରେ ଥାର୍ଡ ଡିଗ୍ରୀ ଘଟଣା ସାମ୍ନାକୁ ଆସିଥିଲା। ଏହାକୁ ନେଇ ହଟଚମଟ ଚାଲିଥିବାବେଳେ ଏବେ ପୁଣି ଅଭିଯୁକ୍ତଙ୍କ ପ୍ରତି ପୋଲିସର ବର୍ବରୋଚିତ ମାଡ଼ ଅଭିଯୋଗ ହୋଇଛି। ରବିବାର ମେରାଇନ୍ ଥାନା ପୋଲିସ ପୁରୀ ଜିଲା ଦୌରାଜଜ୍‌ଙ୍କ ଆବାସିକ କାର୍ଯ୍ୟାଳୟରେ ୬ ଅଭିଯୁକ୍ତଙ୍କୁ ହାଜର କରାଇଥିଲା। ୭ଗ୍ରାମ୍ ବ୍ରାଉନ୍‌ସୁଗାର ରଖିବା ଅଭିଯୋଗରେ ଏନ୍‌ଡିପିଏସ୍ ଆକ୍ଟରେ ଏମାନେ ଗିରଫ ହୋଇଥିଲେ। ତେବେ ପୋଲିସ ସେମାନଙ୍କୁ ନିସ୍ତୁକ ମାଡ଼ ମାରିଥିବା ନେଇ ଜିଲା ଦୌରାଜଜ୍‌ଙ୍କୁ କ୍ଷତ ସ୍ଥାନ ଦେଖାଇ ସମ୍ପୃକ୍ତ ଅଭିଯୁକ୍ତମାନେ ଅଭିଯୋଗ କରିଥିଲେ। ଏ ନେଇ ବ୍ୟକ୍ତିଗତ ଭାବେ ତଦନ୍ତକାରୀ ଅଧିକାରୀ ଏବଂ ମେରାଇନ ଥାନାଧିକାରୀଙ୍କ ଉପରେ ଅଦାଲତ ବର୍ଷିଥିବା ଅଭିଯୁକ୍ତଙ୍କ ଓକିଲ ଗୋପାଳକୃଷ୍ଣ ପଣ୍ଡା କହିଛନ୍ତି।

ଓକିଲ ପଣ୍ଡାଙ୍କ ସୂଚନା ଅନୁଯାୟୀ, ୬ ଅଭିଯୁକ୍ତ ରଞ୍ଜନ ଦାସ, ବିଜୟ ନାୟକ, ରାମିନି ନାୟକ, କାହ୍ନା ନାୟକ, ଦୀନବନ୍ଧୁ ପାଣି, ଏମ୍. ନାଜିରଙ୍କ ଇନ୍‌ଜୁରି ରିପୋର୍ଟରେ କୌଣସି ଆଘାତ ହୋଇଥିବା ଉଲ୍ଲେଖ ନାହିଁ। କିନ୍ତୁ ସେମାନଙ୍କୁ ନିସ୍ତୁକ ମାଡ଼ ମରାଯାଇଛି। ଏମିତି କି ଚମଡ଼ା ଫାଟିଛି। ତେଣୁ ଜିଲା ଦୌରାଜଜ୍ ଏଥିଲାଗି ବିରକ୍ତି ପ୍ରକାଶ କରିଥିଲେ। ଅଭିଯୁକ୍ତମାନଙ୍କର ଆଉଥରେ ଭଲ ଭାବେ ମେଡିକାଲ ଟେଷ୍ଟ କରି ସୋମବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ ପୁରୀ ଜିଲା ଜେଲରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଓକିଲ ପଣ୍ଡା କହିଛନ୍ତି। ଅଭିଯୁକ୍ତମାନେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି ଯେ, କୁମ୍ଭାରପଡ଼ା ଥାନା ଅଞ୍ଚଳରୁ ସେମାନଙ୍କୁ ଗିରଫ କରାଯାଇ ବାସେଳିସାହି ଥାନାରେ ୬/୭ ଦିନ ରଖି ପୋଲିସ ମାଡ଼ ମାରିଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତମାନଙ୍କ ବୟାନ ଏବଂ ମେରାଇନ ଥାନା ପକ୍ଷରୁ କୋର୍ଟରେ ହାଜର କରାଯାଇଥିବାବେଳେ ବାସ୍ତବରେ କେଉଁ ଥାନାରେ ସେମାନଙ୍କୁ ମାଡ଼ ମରାଯାଇଛି ତାହା ସ୍ପଷ୍ଟ ଜଣାପଡୁନାହିଁ। ତେବେ ଏହି ଅଭିଯୋଗ ସଂକ୍ରାନ୍ତରେ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।



କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟ ବିନ୍ଦୁସାଗର ପୁଷ୍କରିଣୀରୁ ଦଳ ସଫା କରାଯାଉଛି।

## କଟକ ସଦର ବ୍ଲକ: ଫେରିଗଲା ୮୦ ଲକ୍ଷ

**କଟକ ସଦର,୨୨।୧୧(ଡି.ଏନ୍.ଏ.)**

କରୋନା ପାଇଁ ଆମ ରାଜ୍ୟ ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଛି। ଏହାର ମୁକାବିଲା ପାଇଁ ରାଜ୍ୟ ଅର୍ଥ ବିଭାଗ ଅବ୍ୟବହୃତ ପାଣ୍ଠିକୁ ଫେରାଇ ଦେବା ପାଇଁ ମେ' ମାସରେ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ କାର୍ଯ୍ୟକାରୀ କରିବାକୁ ଯାଇ କଟକ ସଦର ବ୍ଲକ ପ୍ରଶାସନ ପ୍ରାୟ ୮୦ ଲକ୍ଷ ଟଙ୍କା ସରକାରଙ୍କୁ ଫେରାଇ ଦେଇଛି। ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଖର୍ଚ୍ଚ ହୋଇ ନ ଥିବା ଓ ସୁଧର ଠିକ୍ ସମୟରେ ବିନିଯୋଗ ନ ହେବା ଅର୍ଥକୁ ଫେରାଇ ଦିଆଯାଇଛି। ଏହାଛଡା ବନ୍ଦ ହୋଇଥିବା ସ୍କିମ୍ ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା, ନିଯୁତ କୂପ ଯୋଜନା, ସ୍ୱରୋଜଗାର ଯୋଜନା, ଫେରସ୍ତ ଯୋଜନାରେ ସାମିଲ ହୋଇଛି। ଏହି ଅର୍ଥ ନିର୍ବାଚିତ ଲୋକ ପ୍ରତିନିଧି ଚାହିଁଥିଲେ ବିନିଯୋଗ କରିପାରିଥାଆନ୍ତେ। କାରଣ ଜିଲାର ଅନ୍ୟ ବ୍ଲକ ଏହି ଯୋଜନାର ଅର୍ଥ ଖର୍ଚ୍ଚ କରିସାରିଛନ୍ତି। ରାଜ୍ୟ ଅର୍ଥ ବିଭାଗ ପତ୍ରସଂଖ୍ୟା ୧୫୩୪୩/୧୬।୫।୨୦ରେ ଗଚ୍ଛିତ ପାଣ୍ଠି ଶୀଘ୍ର ଫେରାଇବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇସାରିଛନ୍ତି।

# ଆଜି ପବିତ୍ର ଅଁଳା ନବମୀ

**ସାକ୍ଷୀଗୋପାଳ,୨୨।୧୧(ଡି.ଏନ୍.ଏ.)**

ସୋମବାର ଅଁଳାନବମୀ ଉପଲକ୍ଷେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧାଙ୍କ ପାଦ ଦର୍ଶନ ନୀତି ଅନୁଷ୍ଠିତ ହେବ। ପାରମ୍ପରିକ ବେଶଭୂଷା ଓ ଗହଣାରେ ଲାଗି ହୋଇ ମା' ରାଧାରାଣୀ ଓଡିଆଣୀ ବେଶରେ ସଜ୍ଜିତ ହେବେ। ରତ୍ନ ସିଂହାସନରେ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ଶୋଭା ପାଇବେ। କୋଭିଡ୍ କଟକଣା ଯୋଗୁ ଏଥର ଶ୍ରଦ୍ଧାଳୁମାନେ ରାଧାପାଦ ଦର୍ଶନ କରିପାରିବେ ନାହିଁ। ପ୍ରଶାସନ ପକ୍ଷରୁ ଚନ୍ଦନପୋଖରୀଠାରୁ ବକୁଳବନ ସିଦ୍ଧବକୁଳ ମନ୍ଦିର ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ଏନେଇ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି। ସେବାୟତ ସଂଘ ତତ୍ତ୍ୱାବଧାନରେ ପାଳିଆ ସେବାୟତମାନେ ଠାକୁରଙ୍କ ପୂଜା କରିବା ଲାଗି ବ୍ୟବସ୍ଥା ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଛି। ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର ରହିବ। ଏକାଦଶୀ ଦିନ ଠାକୁରଙ୍କୁ ଅର୍ପଣ କରାଯାଉଥିବା ଚୁଡାଘଷା ଭୋଗ ଏବଂ ସଂକୀର୍ତ୍ତନ ମଣ୍ଡଳୀଙ୍କ ବେଢ଼ା ପରିକ୍ରମା କାର୍ଯ୍ୟକ୍ରମ ବାତିଲ କରାଯାଇଛି।

**ବିଧାନସଭା ପ୍ରଶ୍ନୋତ୍ତର**

## ୮ଲକ୍ଷ ୯୬ହଜାର ପଞ୍ଜୀକୃତ ବେକାରି

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

- ଏମ୍‌ବିଏ, ଏମ୍‌ସିଏ, ମେଡିକାଲ ପିଲା ବି ବାଦ୍ ପଡ଼ିନାହାନ୍ତି
- ପୁରୀରେ ସର୍ବାଧିକ ବେକାରି, ଏହା ତଳକୁ କଟକ, କେନ୍ଦ୍ରାପଡ଼ା

ରାଜ୍ୟରେ ଦିନକୁ ଦିନ ବେକାରି ସମସ୍ୟା ବଢୁଛି। ଦକ୍ଷତା ବିକାଶ ମାଧ୍ୟମରେ ସରକାର ଯେତେ ପ୍ରଚେଷ୍ଟା କଲେ ବି ଓଡ଼ିଶାରୁ ବେକାରି ସମସ୍ୟା ଦୂର ହେଉନି। ୨୦୨୦ ଅକ୍ଟୋବର ୩୧ ସୁଦ୍ଧା ରାଜ୍ୟରେ ୮ଲକ୍ଷ ୯୬ହଜାର ୮୩୮ଜଣ ବେକାରି ଅଛନ୍ତି। ତେବେ ଏହା କେବଳ ପଞ୍ଜୀକରଣ କରିଥିବା ଯୁବବର୍ଗ ହୋଇଥିବାବେଳେ ଅଣପଞ୍ଜୀକୃତ ବେକାରି ସମସ୍ୟା ଦେଖିଲେ ଏହା ଆହୁରି ବଳିଯିବ ବୋଲି କୁହାଯାଉଛି। ଶିକ୍ଷକ ପ୍ରଶିକ୍ଷଣ ନେଇଥିବା ସର୍ବାଧିକ ଯୁବତୀ ଯୁବକ ଏବେ ବେକାର ହୋଇ ଘରେ ବସିଥିବାବେଳେ ଏହା ତଳକୁ ଅଛନ୍ତି ଆଇଟିଆଇ ପଢିଥିବା ଛାତ୍ରୀଛାତ୍ର। ସେହିଭଳି ଡିପ୍ଲୋମାଧାରୀ, ସ୍ନାତକୋତ୍ତର ଡିଗ୍ରୀଧାରୀ, ଇଞ୍ଜିନିୟରିଂ, ଏମ୍‌ବିଏ ଓ ଏମ୍‌ସିଏ ଡିଗ୍ରୀଧାରୀ, କଳା, ବାଣିଜ୍ୟ ଓ ବିଜ୍ଞାନରେ ସ୍ନାତକ କରିଥିବା ହଜାର ହଜାର ଛାତ୍ରୀଛାତ୍ର ବେକାର ହୋଇ ବୁଲୁଛନ୍ତି। ଏପରି କି ମେଡିକାଲ ଓ ଭେଟେରିନାରି ଛାତ୍ରୀଛାତ୍ର ବେକାରି ସମସ୍ୟାରୁ ବର୍ତ୍ତିନାହାନ୍ତି। ଭାଜପା ବିଧାୟକ ମୁକେଶ ମହାଲିଙ୍ଗଙ୍କ ପ୍ରଶ୍ନରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଗୃହରେ ଦେଇଥିବା ଲିଖିତ ଉତ୍ତରରୁ ଏହା ଜଣାପଡ଼ିଛି।

ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ପୁରୀରେ ସର୍ବାଧିକ ୧୨,୦୯୦ ବେକାରି ଯୁବତୀଯୁବକ ପଞ୍ଜୀକରଣ କରିଥିବାବେଳେ କଟକରେ ଦ୍ୱିତୀୟ ସର୍ବାଧିକ ୧୧,୯୮୨ ଓ କେନ୍ଦ୍ରାପଡ଼ାରେ ୧୦,୧୩୭ ବେକାର ଯୁବପିଢ଼ି ଅଛନ୍ତି। ତେବେ ଗତ ୬ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୪ରୁ ୨୦୨୦ ମଧ୍ୟରେ ୧୩,୬୬,୧୬୬ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇ ନିଯୁକ୍ତିକ୍ଷମ କରାଯାଇଛି। ସେହିଭଳି ୨୪୬ଟି ନିଯୁକ୍ତି ମେଳା କରାଯାଇ ୧,୩୧,୬୪୭ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି।

## ମନ୍ତ୍ରୀ, ବିଭାଗ ଉତ୍ତରରେ ତାଳମେଳ ନାହିଁ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ରାଜ୍ୟରେ ୧୪,୩୩୯ଟି ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିବାକୁ ସରକାର ନିଷ୍ପତ୍ତି ନେଇଥିବା ଗଣଶିକ୍ଷା ବିଭାଗ ତଥ୍ୟ କହୁଛି। ହେଲେ ୧୪,୩୩୯ ନୁହେଁ, ୭,୭୭୨ ସ୍କୁଲ ବନ୍ଦ କରିବାକୁ ରାଜ୍ୟ ସରକାର ସ୍ଥିର କରିଥିବା ଗଣଶିକ୍ଷା ମନ୍ତ୍ରୀ କହୁଛନ୍ତି। ବିଭାଗୀୟ ତଥ୍ୟ ଓ ମନ୍ତ୍ରୀଙ୍କ ଉତ୍ତରରେ ତାଳମେଳ ରହୁନି। କେତେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲ୍ ବନ୍ଦ ହେବ ତାହାର ଠିକ୍ ତଥ୍ୟ ସରକାର ଦେଇପାରୁ ନାହାନ୍ତି ବୋଲି ବିଧାନସଭାରେ ଭାଜପା ବିଧାୟକ ମୋହନ ଚରଣ ମାଝି କହିଛନ୍ତି। ସରକାର ପ୍ରାଥମିକ ଶିକ୍ଷାକୁ ସଙ୍କୁଚିତ କରିବାକୁ ପ୍ରଚେଷ୍ଟା କରୁଛନ୍ତି। କେବଳ ୧୪ ହଜାର ନୁହେଁ, ଆହୁରି ଶହ ଶହ ସ୍କୁଲ୍ ବନ୍ଦ କରିବାକୁ ସରକାର ଯୋଜନା କରିଛନ୍ତି। ରାଜ୍ୟ ସରକାର କୋଭିଡ୍‌ରେ ଖର୍ଚ୍ଚ କରିଥିବା ଅର୍ଥକୁ ଭରଣା କରିବାକୁ ସ୍କୁଲ ବନ୍ଦ କରି ଶିକ୍ଷାକ୍ଷେତ୍ରରୁ ଖର୍ଚ୍ଚ କାଟ୍ କରୁଛନ୍ତି। ଶିକ୍ଷାକୁ ସାର୍ବଜନୀନ କରିବାକୁ କେନ୍ଦ୍ର ସରକାର ବିଭିନ୍ନ ନୀତି ପ୍ରଣୟନ କରିଛନ୍ତି। ହେଲେ ଏହାପରେ ବି ରାଜ୍ୟ ସରକାର କେନ୍ଦ୍ରକୁ ଦୋଷ ଦେଉଥିବା ସେ ପରୋକ୍ଷରେ କହିଥିଲେ। ଏହି ଅବସରରେ ସେ ୨୦୦୦ ମସିହାରୁ ୨୦ବର୍ଷ ମଧ୍ୟରେ କେତେ ନୂଆ ସ୍କୁଲ ପ୍ରତିଷ୍ଠା ହୋଇଛି ଓ କେତେ ବନ୍ଦ ହୋଇଛି ତା'ର ଉତ୍ତର ଗଣଶିକ୍ଷା ମନ୍ତ୍ରୀଙ୍କୁ ମାଗିଥିଲେ। କୋଭିଡ୍ ପାଇଁ ସ୍କୁଲ ବନ୍ଦ ଘଟଣାକୁ ସେ ନିନ୍ଦା କରିଥିଲେ। କୋଭିଡ୍ ପାଇଁ ବର୍ଷକ ଲାଗି ସ୍କୁଲ ବନ୍ଦ କରିବା ନିଷ୍ପତ୍ତିକୁ ବିଧାୟକ ମାଝି ଗୃହରେ ବିରୋଧ କରିଥିଲେ।

## ଓଡ଼ିଶାରେ ୨୫୪୦ ପଞ୍ଜୀକୃତ କିନ୍ନର

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୫୪୦ଜଣ କିନ୍ନର ପଞ୍ଜୀକୃତ ହୋଇଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଜ୍ୟରେ ଥିବା କିନ୍ନରଙ୍କୁ ଚିହ୍ନଟ କରାଯାଉଛି। ମୟୂରଭଞ୍ଜରେ ସର୍ବାଧିକ ୩୬୬ କିନ୍ନର ପଞ୍ଜୀକୃତ ହୋଇଥିବାବେଳେ ବାଲେଶ୍ୱର ୩୦୨, ରାୟଗଡ଼ା ୨୦୮, ଅନୁଗୋଳ ୧୯୫, କଟକ ୧୮୩, ବଲାଙ୍ଗୀର ୧୫୩, ଢେଙ୍କାନାଳ ୧୬୩, କୋରାପୁଟ ୧୨୭, ଖୋର୍ଦ୍ଧା ୧୧୫, ଗଞ୍ଜାମ ୯୦ ଓ ସମ୍ବଲପୁରରେ ୭୯ଜଣ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ କିନ୍ନରଙ୍କ ଜୀବନଜୀବିକା ପାଇଁ ରାଜ୍ୟ ସରକାର 'ସ୍ୱୀକୃତି' ନାମରେ ଏକ ସ୍ୱତନ୍ତ୍ର ଯୋଜନା ୨୦୧୮-୧୯ ମସିହାରୁ କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ମାଧ୍ୟମରେ କିନ୍ନର ଚିହ୍ନଟ, ମାତାପିତାଙ୍କୁ ସହାୟତା, ଛାତ୍ରବୃତ୍ତି, ବ୍ୟକ୍ତିତ୍ୱ ବିକାଶ, ପ୍ରଶିକ୍ଷଣ, ଆତ୍ମନିଯୁକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ତଥା ସଚେତନତା କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ରାଜ୍ୟ ସରକାର କିନ୍ନରଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ କରି ସେମାନଙ୍କୁ ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି।

## 'ଖରସ୍ରୋତାକୁ ଶୁଷ୍କ ହେବାକୁ ଦିଆଯିବନି'

**ଆଳି/ରାଜକନିକା, ୨୨।୧୧(ଡି.ଏନ.ଏ.)**

**ଭଦ୍ରକକୁ ପାଣିଦେବା ବିରୋଧରେ ଜନସମାବେଶ**

କେନ୍ଦ୍ରାପଡ଼ା ଜିଲା ଖରସ୍ରୋତା ନଦୀରୁ ଭଦ୍ରକ ଜିଲାର ୪ ବ୍ଲକକୁ ପାଣି ଦେବା ଲାଗି ସରକାର ରାଜକନିକାର ଭାରିଗଦାଠାରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କରିବାକୁ ଯାଉଛନ୍ତି। ଏଥିଲାଗି ୯୮୨ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ଖରସ୍ରୋତା ବଞ୍ଚାଅ ଅଭିଯାନ ପକ୍ଷରୁ ହେଉଥିବା ବିରୋଧ ତୀବ୍ରତର ହେବାରେ ଲାଗିଛି। ରବିବାର ରାଜକନିକାର ଭାରିଗଦା ନିକଟ ଖରସ୍ରୋତା ନଦୀର ଶୁଷ୍କ ବାଲି ଶଯ୍ୟାରେ ଜନସମାବେଶ ଆୟୋଜିତ ହୋଇଯାଇଛି। ଶରୀରରେ ଗୋଟିଏ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଖରସ୍ରୋତାକୁ ଶୁଷ୍କ ହେବାକୁ ଦିଆଯିବନି ବୋଲି ଜନସମାବେଶରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ବ୍ରାହ୍ମଣୀ ଓ ଖରସ୍ରୋତାକୁ ଛାଡି ଦେଲେ କେନ୍ଦ୍ରାପଡା ଜିଲାର ଅନ୍ୟ ନଦୀର ଜଳ ଲବଣାକ୍ତ ହେବାକୁ ଲାଗିଲାଣି। ତେଣୁ ଆବଶ୍ୟକତାଠାରୁ ଅଧିକ ଜଳ ନିଆଗଲେ ଭବିଷ୍ୟତରେ ଖରସ୍ରୋତାର ଜଳ ଲବଣାକ୍ତ ହେବା ସହ କ୍ରମଶଃ ଶୁଖିଯିବ। ତେଣୁ ବ୍ୟବହାରଯୋଗ୍ୟ ଜଳଠାରୁ ଅଧିକ ହେଲେ କାହାକୁ ଦିଆଯିବ, ନଚେତ ଦିଆଯିବନାହିଁ। ଅଞ୍ଚଳର ଜନସାଧାରଣଙ୍କ ସହ ଆଲୋଚନା ନ କରି ଏଠାରେ କୌଣସି ପ୍ରକଳ୍ପ କରାଯାଇପାରିବ ନାହିଁ ବୋଲି ଜନସମାବେଶରେ ସ୍ଥାନୀୟ ଜନସାଧାରଣ ଶପଥ ନେଇଥିଲେ। ଏହି ଆନ୍ଦୋଳନକୁ ପୂର୍ଣ୍ଣଭାବେ ସମର୍ଥନ କରିବାକୁ ଓଡ଼ିଶା ଜନଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରାୟ ଓ ମହାନଦୀ ବଞ୍ଚାଅ ସଂଗ୍ରାମ ସମିତିର ପ୍ରମୁଖ ସୁଦର୍ଶନ ଦାସ କହିଛନ୍ତି। ଖରସ୍ରୋତା ବଞ୍ଚାଅ ଅଭିଯାନର ପ୍ରମୁଖ ସଦସ୍ୟ ବିଧାନ ଚନ୍ଦ୍ର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୋସ୍କୋ ବିରୋଧୀ ସଂଗ୍ରାମ ସମିତିର ମୁଖ୍ୟ ଅଭୟ ସାହୁ, ସିପିଆଇଏମ୍ ନେତା ଅଳିକେଶ୍ୱର ପଟ୍ଟନାୟକ, ଏସ୍‌ୟୁସିଆଇ ନେତା ସଦାଶିବ ଦାସ, କ୍ଷୀରୋଦ କୁମାର କର, କଂଗ୍ରେସର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଏବଂ ମୁଖପାତ୍ର ସତ୍ୟପ୍ରକାଶ ନାୟକ, କଂଗ୍ରେସର ଜିଲା ସଭାପତି ଅଂଶୁମାନ୍ ମହାନ୍ତି, ଓଡ଼ିଶା ବାର ଆସୋସିଏଶନର ପୂର୍ବତନ ସଭାପତି ଧରଣୀଧର ନାୟକ, ଭାଜପା ନେତା ଦୋଳଗୋବିନ୍ଦ ନାୟକ, ବ୍ରଜସୁନ୍ଦର ଭୂୟାଁ, କୃଷ୍ଣଚନ୍ଦ୍ର ପଣ୍ଡା ଓ ରଶ୍ମି ରଞ୍ଜନ ବେହୁରା ପ୍ରମୁଖ ସରକାରଙ୍କର ଜନବିରୋଧୀ କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ।

**ଜାତୀୟ/ଅନ୍ତର୍ଜାତୀୟ**

## ଅକ୍ସଫୋର୍ଡ ଟିକାକୁ ମୋହର ଦେବ ଭାରତ

**ନୂଆଦିଲ୍ଲୀ, ୨୨।୧୧:** ବ୍ରିଟେନ ସରକାର ଯଦି ଅଷ୍ଟ୍ରା ଜେନିକାକୁ ଅକ୍ସଫୋର୍ଡ ଟିକାର ଜରୁରୀ ବ୍ୟବହାର ଲାଗି ଅନୁମତି ଦିଅନ୍ତି ତେବେ ଏଥିପାଇଁ ଭାରତ ପୁନେର୍ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ସ୍ୱୀକୃତି ପ୍ରଦାନ କରିପାରନ୍ତି ବୋଲି ନୀତି ଆୟୋଗ ସଦସ୍ୟ ବିନୋଦ ପଲ୍ କହିଛନ୍ତି। ଭାରତରେ ଏହି ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଜାନୁୟାରୀ-ଫେବୃୟାରୀରେ ଶେଷ ହୋଇଯିବ ବୋଲି ଆଶା କରାଯାଉଛି। କୋଭିଡ୍ ଟିକାକରଣ ପାଇଁ କାର୍ଯ୍ୟ କରୁଥିବା ଜାତୀୟ ବିଶେଷଜ୍ଞ ଗ୍ରୁପ୍‌ର ଅଧ୍ୟକ୍ଷ ଅଛନ୍ତି ବିନୋଦ ପଲ୍। ଯଦି ତୃତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ ହେବା ପୂର୍ବରୁ ଜରୁରୀ ବ୍ୟବହାର ଲାଗି ସ୍ୱୀକୃତି ମିଳେ ତେବେ ପ୍ରାଥମିକତା ତାଲିକାରେ ଥିବା ବ୍ୟକ୍ତିବିଶେଷଙ୍କୁ ବର୍ଷ ଆରମ୍ଭରେ ଟିକା ମିଳିପାରିବ।

## ୧,୮୫୪ରୁ ୨,୭୪୪ ଟଙ୍କାରେ ମିଳିବ ମଡର୍ନା ଟିକା

**ୱାଶିଂଟନ, ୨୨।୧୧:** ମଡର୍ନା କମ୍ପାନୀ ପ୍ରସ୍ତୁତ ଟିକାର ପ୍ରତି ଡୋଜ୍ ଦାମ୍ ୨୫ରୁ ୩୭ ଡଲାର (୧,୮୫୪ରୁ ୨,୭୪୪ ଟଙ୍କା) ରହିବ ବୋଲି ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଷ୍ଟିଫେନ୍ ବନସେଲ୍ କହିଛନ୍ତି। ତେବେ ଦାମ୍ ଅର୍ଡର ପରିମାଣ ଉପରେ ନିର୍ଭର କରିବ ବୋଲି ସେ ସୂଚନା ଦେଇଛନ୍ତି। ମଡର୍ନା ଟିକା ୯୪.୫ ପ୍ରତିଶତ ଫଳପ୍ରଦ ହୋଇଥିବା ବେଳେ ଫାଇଜର ଟିକା ୯୫ ପ୍ରତିଶତ ସଫଳ ବୋଲି ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଥିଲା।

## ଆଉ ୨ ଟିକା ପ୍ରସ୍ତୁତ କରୁଛି ରୁଷିଆ

**ମସ୍କୋ, ୨୨।୧୧**




କରୋନା ଟିକା ସ୍ପୁଟନିକ-ଭି ଅନ୍ୟ ଦେଶଗୁଡ଼ିକୁ ଯୋଗାଇ ଦେବାକୁ ରୁଷିଆ ପ୍ରସ୍ତୁତ ଥିବା ଏହାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜି-୨୦ ବୈଠକରେ କହିଛନ୍ତି। ଏଥିସହିତ ରୁଷିଆ ଆଉ ଦୁଇଟି କୋଭିଡ୍ ଟିକା ପ୍ରସ୍ତୁତ କରୁଥିବା ସେ ସୂଚନା ଦେଇଛନ୍ତି। ବିଶ୍ୱସ୍ତରୀୟ କରୋନା ଟିକା ସହଯୋଗ ଲାଗି ଚାଇନା ପ୍ରସ୍ତୁତ ଥିବା ଏହାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଭିଡିଓ କନ୍‌ଫରେନ୍ସ ଜରିଆରେ ଜି-୨୦ ସମିଟ୍‌କୁ କହିଛନ୍ତି। ବେଜିଂ ପ୍ରସ୍ତୁତ ୫ଟି ଟିକାର ଏବେ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଛି।

# 'ବାଇଡେନ୍‌ଙ୍କୁ ସ୍ୱୀକୃତି ଦେବାକୁ ପ୍ରସ୍ତୁତ ନୁହଁ'

**ମସ୍କୋ, ୨୨।୧୧**



ଭ୍ଲାଡିମିର ପୁଟିନ୍

ଆମେରିକା ରାଷ୍ଟ୍ରପତି ଭାବେ ଜୋ ବାଇଡେନ୍‌ଙ୍କୁ ସ୍ୱୀକୃତି ଦେବାକୁ ସେ ପ୍ରସ୍ତୁତ ନୁହନ୍ତି ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ତେବେ ଆମେରିକୀୟମାନଙ୍କର ଆସ୍ଥା ଥିବା ଯେକୌଣସି ବ୍ୟକ୍ତିଙ୍କ ସହ କାମ କରିବାକୁ ସେ ପ୍ରସ୍ତୁତ ଅଛନ୍ତି। ତେବେ ଆସ୍ଥା କେବଳ ସେତେବେଳେ କରାଯାଇପାରିବ, ଯେତେବେଳେ ପ୍ରାର୍ଥୀଙ୍କ ବିଜୟକୁ ବିରୋଧୀ ଦଳ ସ୍ୱୀକାର କରିବ କିମ୍ବା ଫଳାଫଳ ଆଇନସମ୍ମତ ଉପାୟରେ ସ୍ପଷ୍ଟ ହେବ। ସୂଚନାଯୋଗ୍ୟ, ୨୦୧୬ ଆମେରିକା ନିର୍ବାଚନ ବେଳେ ଡୋନାଲ୍ଡ ଟ୍ରମ୍ପଙ୍କୁ ଜିତାଇବା ପାଇଁ ରୁଷିଆ କାର୍ଯ୍ୟ କରିଥିବା ନେଇ ଏହାର ଗୋଇନ୍ଦା ସଂସ୍ଥା ଅଭିଯୋଗ କରିଥିଲା। ବାଇଡେନ୍ କ୍ଷମତାକୁ ଆସିଲେ କଟକଣା ଚାପ, ମାନବାଧିକାରକୁ ନେଇ ସଂଘର୍ଷ ବଢ଼ିବା ରୁଷିଆ ଆଶଙ୍କା କରୁଛି।

## ଭୂତଳ ସୁଡ଼ଙ୍ଗ ଦେଇ ଆସିଥିଲେ ଜୈଶ୍ ଆତଙ୍କବାଦୀ

**ଜମ୍ମୁ, ୨୨।୧୧**



ଜମ୍ମୁ-କଶ୍ମୀରର ସାମ୍ବାଠାରେ ଥିବା ଅନ୍ତର୍ଜାତୀୟ ସୀମା ନିକଟରେ ୧୬୦ ମିଟର ଲମ୍ବର ଏକ ଭୂତଳ ସୁଡ଼ଙ୍ଗକୁ ସୁରକ୍ଷା ବଳ ରବିବାର ଠାବ କରିଛି। ନଗ୍ରୋଟା ଏନ୍‌କାଉଣ୍ଟରରେ ନିହତ ହୋଇଥିବା ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀମାନେ ଉକ୍ତ ସୁଡ଼ଙ୍ଗ ଦେଇ ଅନୁପ୍ରବେଶ କରିଥିବା ସନ୍ଦେହ କରାଯାଉଛି। ପୋଲିସ ଏନ୍‌କାଉଣ୍ଟର ସ୍ଥଳର କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)କୁ ଦେବା ପରେ ଏହାକୁ ଆଧାର କରି ସେମାନେ ସୁଡ଼ଙ୍ଗ ପାଖରେ ପହଞ୍ଚିଥିଲେ। ସୁଡ଼ଙ୍ଗର ପ୍ରସ୍ଥାନ ପଥ ଘଞ୍ଚ ବୁଦା ମଧ୍ୟରେ ଲୁଚି ରହିଥିଲା ଓ ଏହାକୁ ମାଟି ଏବଂ ଲତାପତ୍ରରେ ଘୋଡ଼ାଇ ଦିଆଯାଇଥିଲା। ସୁଡ଼ଙ୍ଗ ମୁହଁରେ କରାଚି ଲେଖାଥିବା ବାଲିବସ୍ତା ରଖାଯାଇଥିଲା। ଟନେଲଟି ସଦ୍ୟ ଖୋଳା ହୋଇଥିବାରୁ ଜୈଶ ଆତଙ୍କବାଦୀମାନେ ଏହାକୁ ପ୍ରଥମ ଥର ବ୍ୟବହାର କରିଥିବା ଜଣାପଡୁଛି।

## ଅସ୍ତ୍ରୋପଚାର କରିବେ ଆୟୁର୍ବେଦ ଡାକ୍ତର

**ନୂଆଦିଲ୍ଲୀ, ୨୨।୧୧(ପି.ଟି.)**

ଆୟୁର୍ବେଦର ନିର୍ଦ୍ଦିଷ୍ଟ କେତେକ ବିଷୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଡାକ୍ତରମାନେ ଅସ୍ତ୍ରୋପଚାର ପାଇଁ ତାଲିମ ନେବେ। ସେମାନେ ଟ୍ୟୁମର, ଗାଙ୍ଗ୍ରେନ୍ ଅସ୍ତ୍ରୋପଚାର ସହ ନାଡାଲ ଓ କାଟାରାକ୍ଟ ସର୍ଜରି କରିପାରିବେ। ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଇଣ୍ଡିଆନ ମେଡିସିନ୍ ସେଣ୍ଟ୍ରାଲ କାଉନସିଲ୍ (ଆୟୁର୍ବେଦ ସ୍ନାତକୋତ୍ତର ଶିକ୍ଷା) ନିୟମାବଳୀରେ ସଂଶୋଧନ କରାଯାଇ ଆୟୁର୍ବେଦ ଡାକ୍ତରଙ୍କ ପିଜି ଶିକ୍ଷାରେ ଅସ୍ତ୍ରୋପଚାରକୁ ସାମିଲ କରାଯିବ।

# କେରଳରେ ପୋଲିସ ଆଇନ ସଂଶୋଧନ ଅଧ୍ୟାଦେଶକୁ ନେଇ ବିବାଦ

**ଥିରୁଭାନନ୍ତପୁରମ୍, ୨୨।୧୧**



ପିନାରାୟୀ ବିଜୟନ

- ଗଣମାଧ୍ୟମ ସ୍ୱାଧୀନତା କ୍ଷୁଣ୍ଣ କରିବ: ବିରୋଧୀ
- ବ୍ୟକ୍ତି ସ୍ୱାଧୀନତା ଓ ମର୍ଯ୍ୟାଦା ରକ୍ଷା କରିବା ରାଜ୍ୟର କର୍ତ୍ତବ୍ୟ: ବିଜୟନ

ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ସତ୍ତ୍ୱେ କେରଳ ପୋଲିସ ଆଇନ ସଂଶୋଧନ ଅଧ୍ୟାଦେଶକୁ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି। କୌଣସି ଯୋଗାଯୋଗ ମାଧ୍ୟମରେ ଧମକପୂର୍ଣ୍ଣ ବାର୍ତ୍ତା ଦେବା, ଅପମାନିତ କିମ୍ବା ଅସମ୍ମାନିତ କରିବା ଭଳି ଅପରାଧ ବନ୍ଦ କରିବା ଲକ୍ଷ୍ୟରେ ସରକାର ଆଇନରେ ସଂଶୋଧନ କରିଛନ୍ତି। ଏଭଳି ଅପରାଧୀଙ୍କୁ ୫ ବର୍ଷ ଜେଲ୍ କିମ୍ବା ୧୦ ହଜାର ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡ ଭୋଗିବାକୁ ପଡ଼ିବ।

ଅନ୍ୟପକ୍ଷରେ ଗଣମାଧ୍ୟମର ମୁହଁ ବନ୍ଦ କରିବା ଏହି ଅଧ୍ୟାଦେଶର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ଏହି ଅଧ୍ୟାଦେଶ ପୋଲିସକୁ ଅନାବଶ୍ୟକ ଭାବେ ଅଧିକ କ୍ଷମତା ପ୍ରଦାନ କରୁଥିବାରୁ ଗଣମାଧ୍ୟମର ସ୍ୱାଧୀନତା କ୍ଷୁଣ୍ଣ ହେବ ବୋଲି ବିରୋଧୀ କହିଛନ୍ତି। ପ୍ରେସ୍ ସ୍ୱାଧୀନତା ସଙ୍କୁଚିତ କରିବା କିମ୍ବା ସାମ୍ବାଦିକତା ପ୍ରତି ପକ୍ଷପାତ କରିବାରେ ଅଧ୍ୟାଦେଶକୁ ବ୍ୟବହାର କରାଯିବା ପ୍ରଶ୍ନ ଉଠୁନି ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ କହିଛନ୍ତି। ବ୍ୟକ୍ତି ସ୍ୱାଧୀନତା ଓ ମର୍ଯ୍ୟାଦା ରକ୍ଷା କରିବା ରାଜ୍ୟର କର୍ତ୍ତବ୍ୟ ବୋଲି ସେ କହିବା ସହ ଗଣମାଧ୍ୟମ କିମ୍ବା ସାମ୍ବିଧାନିକ ସୀମା ମଧ୍ୟରେ ସରକାରଙ୍କୁ ସମାଲୋଚନା କରୁଥିବା କୌଣସି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

**ଉନ୍ନୟନ କମିଶନରଙ୍କ ସୁଆଣ୍ଡୋ ପରିଦର୍ଶନ**

ପୁରୀ ଅଫିସ: ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ରବିବାର ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଉକ୍ତ ଐତିହ୍ୟ ଗ୍ରାମର ବିକାଶ ନିମନ୍ତେ ଜାରି ଉନ୍ନୟନମୂଳକ କାମର ସମୀକ୍ଷା କରିଛନ୍ତି। ତାଙ୍କ ସହିତ ଜିଲାପାଳ ବଲୱନ୍ତ ସିଂ, ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଗ୍ରାମକୁ ଜାତୀୟ ରାଜପଥରୁ ସଂଲଗ୍ନ ରାସ୍ତାର ପ୍ରଶସ୍ତୀକରଣ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ କମିଶନର ମହାପାତ୍ର ସମୀକ୍ଷା କରିଥିଲେ। ଏହାପରେ ସେ ଗୋପବନ୍ଧୁଙ୍କ ଜନ୍ମପୀଠକୁ ଯାଇ ସମ୍ପର୍କୀୟମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଅସମ୍ମାନ ଅଭିଯୋଗ



ଗୋପ,୨୨।୧୧(ଡି.ଏନ୍.ଏ.): ଗୋପ ବ୍ଲକ ବୈଠକ ଗୃହ ନିକଟ ଏକ ପାଇଖାନା ଘର ଆଗରେ ଥିବା ଟେବୁଲ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ରଖାଯାଇଛି। ମହାପ୍ରଭୁଙ୍କୁ ଅସମ୍ମାନ ଭାବେ ରଖାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ବ୍ଲକ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏହି ବ୍ଲକର ବୈଠକ ଗୃହରେ ବିଭିନ୍ନ ସମୟରେ ଠାକୁରଙ୍କୁ ରଖାଯାଇ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ। କିଛିଦିନ ହେବ ଏକ ପାଇଖାନା ଆଗରେ ଥିବା ଟେବୁଲ ଉପରେ ରଖାଯାଇଛି। ଏ ନେଇ ବିଡିଓ ଦିପ୍ତୀରାଣୀ ଦାସ କହିଛନ୍ତି, ଘଟଣା ସମ୍ପର୍କରେ ଜାଣିନାହିଁ। ତୁରନ୍ତ ମହାପ୍ରଭୁଙ୍କୁ ଠିକ୍ ଜାଗାରେ ରଖାଯିବ ବୋଲି ସେ କହିଛନ୍ତି।

### ରାସ୍ତା ପାର୍ଶ୍ୱକୁ ଖସିପଡ଼ିଲା କାର

ନିରାକାରପୁର,୨୨।୧୧(ଡି.ଏନ୍.ଏ.): ଜଙ୍କିଆ ଥାନା ଅଧୀନ ରାମେଶ୍ୱର ଛକ ନିକଟ ୧୬ ନଂ. ଜାତୀୟ ରାଜପଥରେ ରବିବାର ଏକ କାର୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସିପଡ଼ିଥିଲା। କାରରେ ବେଲୁନ ଖଞ୍ଜା ଯାଇଥିବାରୁ ଚାଳକ ପ୍ରକାଶ ସାହୁ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ବାଲୁଗାଁରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା କାର(ଓଡି୦୨ ବିଡି୮୦୨୮) କୌଣସି କାରଣରୁ ଭାରସାମ୍ୟ ହରାଇ ରାମେଶ୍ୱର ଛକ ନିକଟ ରାସ୍ତା ପାର୍ଶ୍ୱ ୪୦ଫୁଟ ତଳକୁ ଖସିପଡ଼ିଥିଲା। ଫଳରେ ଗାଡ଼ିଟି ଭାଙ୍ଗିଯାଇଥିବା ବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଯାଇଥିଲେ। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ଉଦ୍ଧାର କରିବା ସହ ଚାଳକ ସାହୁଙ୍କୁ ଥାନାକୁ ଆଣି ପଚାରାଉଚରା ଚଳାଇଛି।

### ମହିଳାଙ୍କଠାରୁ ସୁନା ଅଳଙ୍କାର, ଟଙ୍କା ଲୁଟ୍

#### ଅଭିଯୋଗପତ୍ର ରଖୁନି ପୋଲିସ

ନିରାକାରପୁର,୨୨।୧୧(ଡି.ଏନ୍.ଏ.): ଜଙ୍କିଆ ଥାନା ଅଧୀନ ଗୟାବନ୍ଧ ଛକ ନିକଟ ୧୬ନଂ. ଜାତୀୟ ରାଜପଥରେ ୨୦ତାରିଖରେ କେତେଜଣ ଦୁର୍ବୃତ୍ତ ମଧୁସ୍ମିତା ରାଉତରାୟଙ୍କଠାରୁ ସୁନା ଅଳଙ୍କାର, ୧୭ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ପୋଲିସ ଅଭିଯୋଗପତ୍ର ଗ୍ରହଣ ନ କରି ଏକ ଡାଇରିରେ ଠିକଣା ଲେଖିଥିଲେ ବୋଲି ମଧୁସ୍ମିତା କହିଛନ୍ତି। ଅନ୍ୟପଟେ ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ଗୀତାଞ୍ଜଳି ନାୟକ କହିଛନ୍ତି, ଚୋରି ହୋଇଥିବା ମୋବାଇଲକୁ ଟ୍ରାକିଂ କରାଯାଉଛି। ମଧୁସ୍ମିତା ଲିଖିତ ଅଭିଯୋଗ କରିନାହନ୍ତି ବୋଲି ସେ କହିଛନ୍ତି। ମଧୁସ୍ମିତାଙ୍କ ସୂଚନା ଅନୁଯାୟୀ, ଗତ ୨୦ତାରିଖ ସନ୍ଧ୍ୟା ୬ଟାରେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳରୁ ସ୍ୱାମୀଙ୍କ ସହିତ ବାଇକ୍‌ରେ ଭୁବନେଶ୍ୱର ଗୟାବନ୍ଧ ଛକ ନିକଟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ମୋ ବ୍ୟାଗକୁ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ।

### ସ୍ୱର୍ଗଦ୍ୱାରରେ ଚିତ୍ତରଞ୍ଜନ କରଙ୍କ ଶେଷକୃତ୍ୟ

ପୁରୀ ଅଫିସ, ୨୨।୧୧:ବରିଷ୍ଠ କିଡ୍‌ନୀ ରୋଗ ବିଶେଷଜ୍ଞ ତଥା ଏସ୍‌ସିବି ନେଫ୍ରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଚିତ୍ତରଞ୍ଜନ କରଙ୍କ ଶେଷକୃତ୍ୟ ରବିବାର ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହୋଇଛି। ଏହି ଅବସରରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଡାକ୍ତର ଉପସ୍ଥିତ ଥିଲେ।

### ସ୍ୱଚ୍ଛ ସବାରି ଚାଳକଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ, ୨୨।୧୧: ରାତି ନ ପାହୁଣୁ ପୁରୀ ସହରର ବିଭିନ୍ନ ସାହିଗଳିରେ ବୁଲୁଛି ସ୍ୱଚ୍ଛ ସବାରି। ସ୍ୱଚ୍ଛତା ସମ୍ପର୍କିତ ସଚେତନତାମୂଳକ ସଙ୍ଗୀତର ତାଳେ ତାଳେ ପ୍ରତ୍ୟେକ ଘରର ଦୁଆରେ ଏହି ଗାଡ଼ି ପହଞ୍ଚି ଆବର୍ଜନା ସଂଗ୍ରହ କରୁଛି। ଶୀତ ହେଉ କି ବର୍ଷା ଅବା କୁହୁଡ଼ି ଆଦିକୁ ଏମାନେ ଖାତିର ନ କରି ନିଜ କର୍ତ୍ତବ୍ୟକୁ ଅଗ୍ରାଧିକାର ଦେଇଆସୁଛନ୍ତି। ସମୟାନୁବର୍ତ୍ତିତା ହୋଇ ପୁରୀକୁ ସ୍ୱଚ୍ଛ ରଖିବାରେ ବଡ଼ ଅଂଶୀଦାର ସାଜିଛନ୍ତି। ତେଣୁ ଏହି ସ୍ୱଚ୍ଛ ସବାରି ଚାଳକଙ୍କୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ଜଗନ୍ନାଥ ବଲ୍ଲଭ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ବଲୱନ୍ତ ସିଂ ଚାଳକମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ନିଷ୍ଠା, ସମୟାନୁବର୍ତ୍ତିତା ଓ କାମକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ଜିଲାପାଳ ସିଂ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ପ୍ରଶାସନିକ ଅଧିକାରୀ ସ୍ୱଚ୍ଛ ସବାରି ଚାଳକମାନଙ୍କ ସହ ମିଶି ମହାପ୍ରସାଦ ସେବନ କରିଥିଲେ।

# ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ନାବାଳକଙ୍କୁ ସାବାଳକ ଦର୍ଶାଇ କୋର୍ଟଚାଲାଣ ଅଭିଯୋଗ**

ପିପିଲି, ୨୨।୧୧(ସ୍ୱ.ପ୍ର.): ପିପିଲି ଥାନାରେ ପୋଲିସ ଜଣେ ନାବାଳକଙ୍କୁ ସାବାଳକ ଦର୍ଶାଇ ବେଆଇନ ଭାବେ ୬ ଦିନ ଅଟକ ରଖି ମାଡ଼ ମାରି କୋର୍ଟଚାଲାଣ କରିବା ଅଭିଯୋଗରେ ରବିବାର ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ରାକେଶ ରୋଶନ ମହାନ୍ତି ଏକ ପିଟିଶନ ଦାଏର କରିଛନ୍ତି। ସମ୍ପୃକ୍ତ ନାବାଳକଙ୍କୁ ନ୍ୟାୟ ଦେବା ସହ ପିପିଲି ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଆବେଦନକାରୀ ମହାନ୍ତି କମିଶନଙ୍କୁ ନିବେଦନ କରିଛନ୍ତି। ମହାନ୍ତି ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ପିପିଲି ଥାନା ଜୟପୁର ଶାସନର ଜଣେ ଦଳିତ ନାବାଳକଙ୍କୁ ଏକ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ଉଠାଇ ଆଣି ୬ଦିନ ଅଟକ ରଖିଥିଲା। ଅନ୍ୟ ଅଭିଯୁକ୍ତଙ୍କ ସହ ତାଙ୍କୁ ମଧ୍ୟ ଥାନା ହାଜତରେ ରଖି ମାଡ଼ ମାରିଥିଲା। ପରିବାର ଲୋକଙ୍କୁ ନ ଜଣାଇ ନାବାଳକଙ୍କୁ ବେଆଇନ ଭାବେ ଥାନାରେ ଅଟକ ରଖିବା, ମାଡ଼ ମାରିବା ଓ ଗିରଫ କରି ଅନ୍ୟ ଅଭିଯୁକ୍ତଙ୍କ ସହ ସମାନ କୋର୍ଟରେ ହାଜର କରାଇବା ଏବଂ ନାବାଳକଙ୍କୁ ସାବାଳକ ବୋଲି ଦର୍ଶାଇବା ଅଭିଯୋଗରେ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପିଟିଶନରେ ନିବେଦନ କରାଯାଇଛି। ନାବାଳକଙ୍କୁ ଗିରଫ ଓ କୋର୍ଟ ଚାଲାଣ ସମୟରେ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ପାଳନ କରାଯାଇ ନ ଥିବା ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ପୀଡ଼ିତ ନାବାଳକଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରି ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ସହ ଥାନା ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଆବେଦନକାରୀ କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୩ତାରିଖ ସନ୍ଧ୍ୟାରେ ସାଜିଦ୍ ହୁସେନ ନାମକ ପୋଲିସ ଇନଫର୍ମରଙ୍କୁ କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ମାମଲାରେ ପୋଲିସ ୬ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଥିଲେ। ତାଙ୍କ ଜନ୍ମ ତାରିଖ ଅଙ୍ଗନୱାଡ଼ି ଟିକାପତ୍ର ଅନୁଯାୟୀ ତା୨୬।୦୧। ୨୦୦୩ରିଖ ବୋଲି ଉଲ୍ଲେଖ ରହିଥିବାବେଳେ ପ୍ରମାଣ ଆଧାରରେ ପରିବାର ଓ ଟିକାପତ୍ର ଅନୁସାରେ ତାଙ୍କ ବୟସ ୧୭ ବର୍ଷ ୧୦ମାସ ହୋଇଛି। ଅର୍ଥାତ ସେ ନାବାଳକ ବୋଲି ପ୍ରମାଣିତ। କିନ୍ତୁ ପିପିଲି ପୋଲିସ ତାଙ୍କର କୌଣସି ପ୍ରମାଣପତ୍ର ତନଖି ନ କରି ସାବାଳକ ଦର୍ଶାଇ ଥାନାରେ ଅଟକ ରଖିଥିଲା। ଏପରି କି ପିପିଲି ଥାନା ପକ୍ଷରୁ ପ୍ରଦତ୍ତ ପ୍ରେସ ନୋଟରେ ମଧ ତାଙ୍କ ବୟସ ୧୮ ବର୍ଷ ବୋଲି ଦର୍ଶାଯାଇଛି। ଏହା ସୁପ୍ରିମକୋର୍ଟଙ୍କ ବାଳ ଅପରାଧ ସମ୍ପର୍କିତ ସ୍ୱତନ୍ତ୍ର ଗାଇଡ୍‌ଲାଇନର ଉଲ୍ଲଂଘନ କରୁଛି।




ପୁରୀର ବିଦାୟୀ ଏସ୍‌ପି ଅଖିଳେଶ୍ୱର ସିଂଙ୍କ ସମର୍ଥନରେ ରବିବାର ପୁରୀ ବଡଦାଣ୍ଡରେ ଜନଜାଗରଣ ମଞ୍ଚର ଶୋଭାଯାତ୍ରା।

# 'ଅପରାଧମୁକ୍ତ ପୁରୀ ମୁଖ୍ୟ ଲକ୍ଷ୍ୟ'

**ଏସ୍‌ପି ଭାବେ ଦାୟିତ୍ୱ ନେଲେ କେ. ବିଶାଳ ସିଂ**



ପୁରୀ ଅଫିସ,୨୨।୧୧: ପତିତପାବନଙ୍କୁ ଦର୍ଶନ କରି ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ପୁରୀର ନୂତନ ଏସ୍‌ପି ଭାବେ ଆଇପିଏସ୍ ଅଫିସର କେ. ବିଶାଳ ସିଂ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରବିବାର ପୂର୍ବାହ୍ନରେ ପୂର୍ବତନ ଏସ୍‌ପି ଅଖିଳେଶ୍ୱର ସିଂଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ପୋଲିସ ଅଧିକାରୀମାନେ ନୂତନ ଏସ୍‌ପିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟଭାର ଗ୍ରହଣ ପରେ ଅପରାଧୀଙ୍କୁ ଦେଇଛନ୍ତି କଡ଼ା ଚେତାବନୀ କେ. ବିଶାଳ ସିଂ। ଅପରାଧମୁକ୍ତ ପୁରୀ ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଟିରେ ଅପରାଧ ଓ ଅପରାଧୀଙ୍କୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି କହି ପ୍ରଥମ ଦିନରୁ ହିଁ ନୂତନ ଏସ୍‌ପି ସିଂ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।

ଦାୟିତ୍ୱ ଗ୍ରହଣ ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ଏସ୍‌ପି ସିଂ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ମୋତେ ପୁରୀରେ କାମ କରିବାର ସୁଯୋଗ ମିଳିଛି। ଏହାକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର କରିବା ଲାଗି କାମ ଚାଲିଛି। ଏଠାକୁ ଆସୁଥିବା ଭକ୍ତ, ପର୍ଯ୍ୟଟକ ସର୍ବୋପରି ପୁରୀବାସୀ କିପରି ସୁରକ୍ଷିତ ଏବଂ ନିରାପଦ ମଣିବେ ତାହା ଉପରେ ଗୁରୁତ୍ୱ ଦିଆଯିବ। ଅସାମାଜିକ ତତ୍ତ୍ୱ ଏବଂ ଅପରାଧୀଙ୍କ ବିରୋଧରେ ଶତ ପ୍ରତିଶତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ପ୍ରକାର ଅପରାଧକୁ ବରଦାସ୍ତ କରାଯିବ ନାହିଁ। ଆଇନଶୃଙ୍ଖଳା ଉପରେ ବି ନଜର ରଖିବାକୁ ହେବ। ପୋଲିସ ଓ ଜନତାଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂରକରି ଜନସାଧାରଣ ପୋଲିସକୁ ସହଯୋଗ କଲେ ପୁରୀ ଅପରାଧମୁକ୍ତ ସହର ହୋଇପାରିବ ବୋଲି ଏସ୍‌ପି ପ୍ରକାଶ କରିଥିଲେ।

ଅଁଳା ନବମୀ, ନାଗାର୍ଜୁନ ବେଶ, ବଡଦିନ ଓ ନୂଆବର୍ଷ ଆଦି ସ୍ୱତନ୍ତ୍ର ପର୍ବପର୍ବାଣି ପାଇଁ ପୋଲିସ ବ୍ୟବସ୍ଥା ସମ୍ପର୍କରେ ଏସ୍‌ପି ସିଂ କହିଥିଲେ, ଏଥିପାଇଁ ପୋଲିସ ଆରେଞ୍ଜମେଣ୍ଟ ଚାଲିଛି। ଜନସାଧାରଣଙ୍କ ସହଯୋଗରେ ଭିଡ଼ ନିୟନ୍ତ୍ରଣ, ଯାନିଯାତ୍ରା ଓ ପର୍ବପର୍ବାଣି ସମ୍ପନ୍ନ କରାଯିବ। ସେହିପରି ପିପିଲି ଥାନା ଥାର୍ଡ ଡିଗ୍ରୀ ଅଭିଯୋଗର ତଦନ୍ତ ଦାୟିତ୍ୱ ଡିଆଇଜିଙ୍କୁ ଦିଆଯାଇଛି। ଟାଉନ ଥାନାରେ ହୋଇଥିବା ଥାର୍ଡ ଡିଗ୍ରୀ ସଂକ୍ରାନ୍ତରେ ସେ ଅବଗତ ହେବା ପରେ ଯାହା କିଛି ପଦକ୍ଷେପ ନେବେ। ହାଜତ ମୃତ୍ୟୁ ଘଟଣା ସମ୍ପର୍କରେ କହିଥିଲେ, ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ ଅନୁସାରେ ଏହାର ତଦନ୍ତ ଚାଲିଛି। ଆଗକୁ ସତ୍ୟ କ'ଣ ତାହା ସ୍ପଷ୍ଟ ଜଣାପଡ଼ିବ। ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ ଚିଠି ଯାଇଛି। ଖୁବ୍‌ଶୀଘ୍ର ନ୍ୟାୟିକ ତଦନ୍ତ ହେବ ବୋଲି ଆଶା କରୁଥିବା ଏସ୍‌ପି କହିଥିଲେ।

## ସବ୍‌ରେଜିଷ୍ଟ୍ରାରଙ୍କ ନାମରେ ଆଦାୟ ହେଉଛି ଟଙ୍କା

ଖୋର୍ଦ୍ଧା ଅଫିସ, ୨୨।୧୧: ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବା ଲାଗି ରାଜ୍ୟ ସରକାର ଘୋଷଣା କରିଥିଲେ। ସରକାରୀ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଆଣିବା ଲାଗି ୫-ଟି ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରିଛନ୍ତି। ତେବେ ଖୋର୍ଦ୍ଧା ଜିଲାରେ ଏହାର ପ୍ରଭାବ ପଡୁଥିବା ଭଳି ମନେ ହେଉ ନାହିଁ। ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାର ଅଫିସରେ ସବ୍‌ରେଜିଷ୍ଟ୍ରାରଙ୍କ ନାମରେ ଟଙ୍କା ଆଦାୟ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଦୀର୍ଘଦିନ ଧରି ଏଠାରେ ଦଲାଲଙ୍କ ରାଜୁତି ଚାଲିଛି। ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କୁ ଜମି କିଣାବିକାରେ ସହଯୋଗ ଓ ଉପସ୍ଥିତ ଅଫିସରଙ୍କ ନାମରେ ଟଙ୍କା ଆଦାୟ କରାଯାଉଛି। ଜମି କିଣାବିକାରେ ସହଯୋଗ କରିବା ବାହାନାରେ ବହୁ ଦଲାଲ ଜଣ ପିଛା ୨ରୁ ୩ହଜାର ଟଙ୍କା ଉତ୍କୋଚ ଦାବି କରୁଛନ୍ତି। ଏ ନେଇ ସବ୍‌ରେଜିଷ୍ଟ୍ରାର ବିଜୟ କୁମାର ସେଠୀ କହିଛନ୍ତି, ଦୁଇଦିନ ତଳେ ଜଣେ ଦଲାଲଙ୍କୁ ଅଫିସ ଭିତରେ ଧରିଥିଲି। ପରେ ଦଲାଲ ଜଣକ ସେଠାରୁ ଖସିଯାଇଥିଲେ। ଅଫିସକୁ ଦଲାଲମୁକ୍ତ କରାଯିବ। ଜମି କିଣାବିକା ଲାଗି ଆସୁଥିବା ବ୍ୟକ୍ତିମାନଙ୍କର କୌଣସି ଅସୁବିଧା ହେଲେ ସିଧାସଳଖ ମୋ' ସହ ପରାମର୍ଶ କରିବାକୁ ସବ୍‌ରେଜିଷ୍ଟ୍ରାର ଅନୁରୋଧ କରିଛନ୍ତି।

## ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା: ହତ୍ୟା ମାମଲା ରୁଜୁ

ବାଲୁଗାଁ,୨୨।୧୧(ଡି.ଏନ୍.ଏ.): ବାଲୁଗାଁ ଥାନା ଅଧୀନ ରଘୁନାଥପୁର ଗ୍ରାମର ଶ୍ମଶାନ ନିକଟରୁ ଶନିବାର ରାତିରେ ପୋଲିସ ନବମ ଶ୍ରେଣୀ ଛାତ୍ର ପିନୁ ପ୍ରଧାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲା। ପିନୁଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ମା' ଜାନକୀ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୦୨ରେ ହତ୍ୟା ମାମଲା(ନଂ.୧୯୯/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପିନୁ ଶନିବାର ଅପରାହ୍ନ ୩ଟାରେ ଝାଡ଼ା ଯିବା ପାଇଁ ବାହାରକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ରାତି ୮ଟାରେ ଗାଁ ଶ୍ମଶାନ ନିକଟ ଏକ ଗଛରେ ପିନୁଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ରବିବାର ସକାଳେ ବାଲୁଗାଁ ପୋଲିସ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅପରାହ୍ନରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଡିଏସ୍‌ପି ସତୀଶ ପାଢ଼ୀ, ଚିଲିକା ତହସିଲଦାର ପୁନମ ମହାପାତ୍ର, ବାଣପୁର ଆଇଆଇସି ସଞ୍ଜୟ ପଟ୍ଟନାୟକ ଓ ବାଲୁଗାଁ ପୋଲିସ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଗୁରୁଙ୍କ ସ୍ମୃତିରେ ସ୍ୱତନ୍ତ୍ର ସଙ୍ଗୀତ କାର୍ଯ୍ୟକ୍ରମ

ପୁରୀ ଅଫିସ, ୨୨।୧୧: ଶ୍ରୀଜଗନ୍ନାଥ ସଂସ୍କୃତିର ବିକାଶ ପାଇଁ ପ୍ରତିଷ୍ଠା ହୋଇଥିବା ଷ୍ଟୁଡିଓ ମଙ୍ଗଳ ଆଳତିର ସ୍ୱନକ୍ଷତ୍ର ଉତ୍ସବ ରବିବାର ବିଶ୍ୱନାଥ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସଙ୍ଗଠକ ଚକ୍ରଧର ମହାପାତ୍ର ଉଦ୍‌ଘାଟନ କରିଥିଲେ। ସୁନାବେଶ ଭଜନ ସମାରୋହ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସଭାପତି ବଦ୍ରି ମିଶ୍ର ଅଧ୍ୟକ୍ଷତା କରିଥିଲେ। କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ରବୀନ୍ଦ୍ର ମହାପାତ୍ର, ଗୁରୁ ନିମାକାନ୍ତ ରାଉତରାୟ, ବୈଷ୍ଣବ କୈଳାଶ, ଦେବାଂଶୀ ଦାସ, ଆଶମୁକୁଲ ବାରିକ, ଗୌରାଙ୍ଗ ଖୁଣ୍ଟିଆ, ସିପ୍ରା ମହାନ୍ତି ପ୍ରମୁଖ ଓଡ଼ିଶୀ, ଛାନ୍ଦ, ଚମ୍ପୁ ଓ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ମନୋଜ ଦଇତାପତି ଉତ୍ସବକୁ ପରିଚାଳନା ଏବଂ ମଧୁସୂଦନ ମିଶ୍ର ଓ ଶ୍ୟାମପ୍ରକାଶ ସେନାପତି ସଂଯୋଜନା କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଚିତ୍ତରଞ୍ଜନ ଜେନା, ସଙ୍ଗୀତ ନିର୍ଦ୍ଦେଶକ ରାଖାଲ ମହାନ୍ତି, ରାଧାକାନ୍ତ ନନ୍ଦ, ସୁନନ୍ଦା ପଟ୍ଟନାୟକ, ବିଶ୍ୱନାଥ ମହାପାତ୍ର ଓ ବିଶ୍ୱନାଥ ପୂଜାପଣ୍ଡାଙ୍କ ପାଇଁ ଶୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗୁରୁ ବିଶ୍ୱନାଥ ପୂଜାପଣ୍ଡାଙ୍କ ସ୍ମୃତିରେ ସ୍ୱତନ୍ତ୍ର ସଙ୍ଗୀତ କାର୍ଯ୍ୟକ୍ରମର ଲାଇଭ ଟେଲିକାଷ୍ଟ କରାଯାଇଥିଲା। ଜ୍ୟୋତି ପ୍ରକାଶ ମିଶ୍ର ଓ ଶର୍ମିମିତ୍ର ସିଂହାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଗୋଶାଳାରେ ଗୋଷ୍ଠାଷ୍ଟମୀ ପାଳିତ

ପୁରୀ ଅଫିସ, ୨୨।୧୧: ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ରବିବାର ଟ୍ରଷ୍ଟ ପ୍ରତିଷ୍ଠାତା ପଣ୍ଡିତ ବିଷ୍ଣୁଚରଣ ପଣ୍ଡାଜୀ ମହାରାଜଙ୍କ ନେତୃତ୍ୱରେ ଗୋଷ୍ଠାଷ୍ଟମୀ ପାଳିତ ହୋଇଛି। ଏଠାରେ ଗୋପୂଜନ ସହିତ ଗୋମାତାଙ୍କୁ ପଣ୍ଡିତମାନେ ଚାରା ଖୁଆଇବା ସହିତ ଚରାଇବାକୁ ନେଇଥିଲେ। ଏହି ସମୟରେ ପଣ୍ଡିତ ସୌମ୍ୟରଞ୍ଜନ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ଦାସଜୀ ମହାରାଜ, ସଂଗ୍ରାମ କେଶରୀ ଶତପଥି, କାର୍ତ୍ତିକ ପଣ୍ଡା, ସର୍ବେଶ୍ୱର ପଣ୍ଡା, ନରସିଂହ ମିଶ୍ର, ସୁକାନ୍ତ ମିଶ୍ର, ଘନେଶ୍ୱର ମହାରାଜ, କବି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଘଟ ସଫଳ ନେଇ ସମ୍ମିଳନୀ

ଡେଲାଙ୍ଗ,୨୨।୧୧(ଡି.ଏନ୍.ଏ.): ସର୍ବଭାରତୀୟ ଧର୍ମଘଟ ନେଇ ରବିବାର ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସିପିଆଇ(ଏମ୍.ଏଲ୍) କାର୍ଯ୍ୟାଳୟରେ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇ (ଏମ୍.ଏଲ୍) ରାଜ୍ୟ କମିଟି ସଭ୍ୟ କିଷାନ ପଟ୍ଟନାୟକ, ଭୀମସେନ ସ୍ୱାଇଁ, ସନାତନ ପାତ୍ର, ଜ୍ୟୋତିରଞ୍ଜନ ମହାପାତ୍ର, ଯୁଧିଷ୍ଠିର ମହାପାତ୍ର, ସୁରେଶ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିବା ବେଳେ ଅଶୋକ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ୨୭ ଦଫା ଦାବି ନେଇ ଆସନ୍ତା ୨୬ ଓ ୨୭ ରେ ପୁରୀ ଜିଲାର ପିପିଲି, ଡେଲାଙ୍ଗ, ଗୋପ, କୋଣାର୍କ, ବ୍ରହ୍ମଗିରି, କଣାସ, ସତ୍ୟବାଦୀ, କୃଷ୍ଣପ୍ରସାଦ, ନିମାପଡା ଆଦି ଅଞ୍ଚଳରେ ଧର୍ମଘଟ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

## ଭାରତୀୟ ମଜଦୁର ସଂଘର ଜିଲା ସମ୍ମିଳନୀ

ନିମାପଡ଼ା,୨୨।୧୧(ଡି.ଏନ୍.ଏ.): ଭାରତୀୟ ମଜଦୁର ସଂଘ, ପୁରୀ ଜିଲା ପକ୍ଷରୁ ରବିବାର ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀ ନିମାପଡ଼ା ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲା ପ୍ରମୁଖ ବିଜୟ କୁମାର ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଜିଲା ସଂଯୋଜକ ସୁଦର୍ଶନ ରାଉଳ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମିଳନୀରେ ଅତିଥିଭାବେ ସର୍ବଭାରତୀୟ କ୍ଷେତ୍ରୀୟ ସଙ୍ଗଠନ ମନ୍ତ୍ରୀ ଗଣେଶଜୀ, ବିଏମ୍‌ଏସ୍‌ର ରାଜ୍ୟ କୋଷାଧକ୍ଷ ଲକ୍ଷ୍ମଣ ଦାଶ, ଖୋର୍ଦ୍ଧା ଜିଲା ସଭାପତି ଗଣେଶ୍ୱର ଦାଶ, ଭବାନୀ ମିଶ୍ର, ନଳିନୀ ପ୍ରଭା ଦାସ ପ୍ରମୁଖ ଯୋଗଦେଇ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ଏହାର ପ୍ରତିକାର, ସଙ୍ଗଠନର ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତିଭାବେ ସୁଦର୍ଶନ ରାଉଳ, କାର୍ଯ୍ୟକାରୀ ସଭାପତି ଭବାନୀ ମିଶ୍ର, ଉପସଭାପତି ପ୍ରଭାତନନ୍ଦିନୀ ସାହୁ, ଅକ୍ଷୟ ମିଶ୍ର, ସମ୍ପାଦକ ଅକ୍ଷୟ ଦାସ, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ, ବଟକୃଷ୍ଣ ପ୍ରଧାନ, କୋଷାଧକ୍ଷ ସୀତାକାନ୍ତ ମହାନ୍ତି ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। କରୋନା ମହାମାରୀ ସମୟରେ ଘରେ ବସିଥିବା ଶ୍ରମିକଙ୍କୁ କାମ ଯୋଗାଇଦେବା ଲାଗି ସଂଘ ପକ୍ଷରୁ ଜିଲାର ପ୍ରତ୍ୟେକ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ସଂଘ କାର୍ଯ୍ୟକର୍ତ୍ତା କହିଛନ୍ତି।



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ ।

## ଥାନାଧିକାରୀଙ୍କୁ ଦାବିପତ୍ର ଦେଲା ସାଜିଦଙ୍କ ପରିବାର

ପିପିଲି, ୨୨।୧୧(ଡି.ଏନ୍.ଏ): ପୋଲିସ ଇନଫର୍ମର ସାଜିଦ ଖାଁଙ୍କୁ ଆକ୍ରମଣ ଘଟଣାରେ ୬ଜଣଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ସାଜିଦଙ୍କ ଭାଇ ଜାହିଦଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ରବିବାର ପିପିଲି ଥାନାକୁ ଆସି ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟିଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବା, ଭୟରେ ରହିଥିବା ପରିବାରବର୍ଗଙ୍କୁ ସୁରକ୍ଷା ଦେବା, ପିପିଲି ଅଞ୍ଚଳକୁ ନିଶା ମାଫିଆମୁକ୍ତ କରିବା ଆଦି ଦାବି ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଜାମିନ୍ ନାମଞ୍ଜୁର ପରେ ୫ ଅଭିଯୁକ୍ତଙ୍କୁ ଆହତ ଦର୍ଶାଇ ଡାକ୍ତରଖାନା ନେବା ପ୍ରତିବାଦରେ ଅଭିଯୁକ୍ତମାନଙ୍କ ପରିବାର ପକ୍ଷରୁ ଶନିବାର ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା।

## ଓଡ଼ିଆ ଭାଷା ସୁରକ୍ଷା ଲାଗି ସାମୂହିକ ଉଦ୍ୟମ ଲୋଡ଼ା

ଖୋର୍ଦ୍ଧା ଅଫିସ,୨୨।୧୧: ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀର ପ୍ରତିଷ୍ଠାତା ସଭାପତି ବୈଷ୍ଣବ ଚରଣ ପରିଡ଼ାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ରବିବାର ଖୋର୍ଦ୍ଧା ଜିଲା ଭାଷା ସୁରକ୍ଷା ସମ୍ମିଳନୀ ପକ୍ଷରୁ ପାଳିତ ହୋଇଯାଇଛି। ଆଇନ ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ସତ୍ୟବାଦୀ ବଳିୟାରସିଂହଙ୍କ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଦଣ୍ଡପାଣି ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଷ୍ଣବ ପରିଡ଼ାଙ୍କ ତ୍ୟାଗମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ସାମାଜକ କର୍ମୀ ରାମଶଙ୍କର, ଗ୍ରନ୍ଥକାର ଉମାଶଙ୍କର ପ୍ରସାଦ ଏବଂ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷା ଲାଗି ସାମୂହିକ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। ବିକ୍ରମ କେଶରୀ ଚମ୍ପତି, ବିଭୂତି ଭୂଷଣ ହୋତା, ବିଷ୍ଣୁପ୍ରିୟା ବାରିକ, ଗୋବିନ୍ଦ ଚନ୍ଦ୍ର ମହାରଣା, ଗତିକୃଷ୍ଣ ଉତ୍ତରକବାଟ, ଭଗବାନ ପଶ୍ଚିମକବାଟ, ତ୍ରିଲୋଚନ ବାରିକ, ବିଦ୍ୟାଧର ଲେଙ୍କା, ନଳିନୀକାନ୍ତ ସୁନ୍ଦରରାୟ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

## ବିଭିନ୍ନ ସ୍କୁଲ ପରିଦର୍ଶନ କଲେ ଜିଲାପାଳ

- ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା
- ଶୈକ୍ଷିକ ବାତାବରଣ ସୃଷ୍ଟି ଉପରେ ଗୁରୁତ୍ୱ

ପୁରୀ ଅଫିସ,୨୨।୧୧: ଜିଲାପାଳ ବଲୱନ୍ତ ସିଂ ରବିବାର ପୁରୀର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ଓ ଆନୁଷଙ୍ଗିକ ସୁବିଧା ଉପଲବ୍ଧ ସମ୍ପର୍କରେ ସେ ସମୀକ୍ଷା କରିଛନ୍ତି। ଜିଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଜିଲା ସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭୋଳାନାଥ ବିଦ୍ୟାପୀଠ ଏବଂ ବଳଗଣ୍ଡି ହାଇସ୍କୁଲ ପରିଦର୍ଶନ କରିଛନ୍ତି। ଶ୍ରେଣୀଗୃହ, ପାଠାଗାର, ଖେଳପଡ଼ିଆ, ପରୀକ୍ଷାଗାର ସମ୍ପର୍କରେ ଆଲୋଚନା କରିଛନ୍ତି। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଓ ପ୍ରତିଭା ବିକାଶ ନିମନ୍ତେ ଖେଳ ପଡ଼ିଆ ଉନ୍ନତୀକରଣ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଖେଳପଡ଼ିଆରେ ପାଣି ନ ଜମିବା ପାଇଁ ମାଟିପକାଇ ସମତୁଲ କରିବାକୁ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫୁଟବଲ, ଭଲିବଲ କୋର୍ଟ, ଜିମ୍, ବରିଷ୍ଠ ନାଗରିକଙ୍କ ନିମନ୍ତେ ଚାଲିବା ରାସ୍ତା, ଆଲୋକୀକରଣ ବ୍ୟବସ୍ଥା କରାଯିବ। ଦୀର୍ଘଦିନ ବ୍ୟବଧାନ ପରେ ସ୍କୁଲ ଖୋଲିବା ସମୟରେ ପିଲାଙ୍କ ମନରେ ସକାରାତ୍ମକ ଭାବନା ସୃଷ୍ଟି ନିମନ୍ତେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅନଧିକାର ପ୍ରବେଶ ଏବଂ ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲା ସ୍କୁଲ ପାଚେରି ମରାମତି କରାଯିବା ସହ ଅବରୋଧ ହଟାଯିବ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆହୁରି ୪୦୦ ସାଇକେଲ ରଖିବା ବ୍ୟବସ୍ଥା, ବିଶ୍ୱମ୍ଭର ବିଦ୍ୟାପୀଠରେ ୩୦ ଶୌଚାଳୟ କାମ ଆସନ୍ତା ଡିସେମ୍ବର ସୁଦ୍ଧା ଏବଂ ଖେଳପଡ଼ିଆ ଉନ୍ନୟନ କାମ ଆସନ୍ତା ଜାନୁୟାରୀ ୨୬ ତାରିଖ ସୁଦ୍ଧା ଶେଷ କରାଯିବ। ବିଦ୍ୟାଳୟର ଉନ୍ନତି ନିମନ୍ତେ ପୁରାତନ ଛାତ୍ରୀଛାତ୍ରଙ୍କ ସହ ଜିଲାପାଳ ଆଲୋଚନା କରି ମତାମତ ସଂଗ୍ରହ କରିଥିଲେ। ଏହି ଅବସରରେ ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ନିର୍ଦ୍ଦେଶିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ ଏବଂ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ବଲୱନ୍ତ ସିଂ ଏକ ସ୍କୁଲରେ କର୍ତ୍ତୃପକ୍ଷ ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ

### ସ୍ୱର୍ଗଦ୍ୱାରରେ ଚିତ୍ତରଞ୍ଜନ କରଙ୍କ ଶେଷକୃତ୍ୟ

ପୁରୀ ଅଫିସ, ୨୨।୧୧:ବରିଷ୍ଠ କିଡ୍‌ନୀ ରୋଗ ବିଶେଷଜ୍ଞ ତଥା ଏସ୍‌ସିବି ନେଫ୍ରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଚିତ୍ତରଞ୍ଜନ କରଙ୍କ ଶେଷକୃତ୍ୟ ରବିବାର ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହୋଇଛି। ଏହି ଅବସରରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଡାକ୍ତର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରଫେସର କରଙ୍କର ଗତ ୨୦ତାରିଖରେ ଚେନ୍ନାଇର ଏମ୍‌ଜିଏମ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା।

### ବିଦ୍ୟୁତ୍ ଖୁଣ୍ଟି ପଡ଼ି ଶ୍ରମିକ ମୃତ

ବାରଙ୍ଗ,୨୨।୧୧(ଡି.ଏନ୍.ଏ.): ବାରଙ୍ଗ ଥାନା ଅଧୀନ ମୁଣ୍ଡମୁହାଣ କାଠଯୋଡ଼ି ନଦୀବନ୍ଧରେ ରବିବାର ଏକ ଟ୍ରକ୍‌ରୁ ବିଦ୍ୟୁତ୍ ଖୁଣ୍ଟି କାଢୁଥିବାବେଳେ ଜଣେ ଶ୍ରମିକ ଉପରେ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ମୁଣ୍ଡମୁହାଣ ଅଞ୍ଚଳରେ ନୂଆ ବିଦ୍ୟୁତ୍ ଖୁଣ୍ଟି ଲଗାଇବା ପାଇଁ ୭୦ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିଲା। ଏହାକୁ ନେଇଥିବା ଠିକାଦାର ରବିବାର ଏକ ଟ୍ରକ୍‌ରେ ବିଦ୍ୟୁତ୍ ଖୁଣ୍ଟି ଆଣି କାଠଯୋଡ଼ି ନଦୀବନ୍ଧରେ ଶ୍ରମିକଙ୍କ ଦ୍ୱାରା କାଢୁଥିଲେ। କୌଣସି କାରଣରୁ ହଠାତ୍ ଏକ ଖୁଣ୍ଟି ଜଣେ ଶ୍ରମିକଙ୍କ ଉପରେ ପଡିଯାଇଥିଲା। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କୌଣସି ଅଭିଯୋଗ ହୋଇ ନାହିଁ ବୋଲି ଥାନା ଅଧିକାରୀ ଶଶିକାନ୍ତ ରାଉତ କହିଛନ୍ତି।

### ଫୁଟବଲ୍ ଖେଳାଳିଙ୍କ ବିୟୋଗରେ ସ୍ମୃତିସଭା

ସାଲେପୁର,୨୨।୧୧(ଡି.ଏନ୍.ଏ.) ଭେଟେରାନ୍ ଫୁଟବଲ୍ ଖେଳାଳି ତଥା ବରିଷ୍ଠ କଂଗ୍ରେସ ନେତା ବହୁଗ୍ରାମ ପଞ୍ଚାୟତର ଗୋପୀନାଥ ଭୋଇଙ୍କ ବିୟୋଗରେ ସାଲେପୁର ଫୁଟବଲ୍ ଆସୋସିଏଶନ୍ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରସନ୍ନ ମଲ୍ଲଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଗୋପୀନାଥଙ୍କ ଖେଳପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଖବରଦାତା ଅକ୍ଷୟ କୁମାର ଦାଶ, ବରିଷ୍ଠ ଫୁଟବଲ୍ ଖେଳାଳି ସେକ୍‌ରହିମ୍ ବକ୍ସ, କମଳାକାନ୍ତ ପତି, ବିଜୟ ଦାସ, ଭାସ୍କର ସେଠୀ, ଅଶୋକ ସେଠୀ ଓ ଜୟନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ନିଳାଦ୍ରୀ ବିହାରରେ ଡ୍ରେନର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ): ବିଏମ୍‌ସି ୱାର୍ଡ ନମ୍ବର-୮ ନିଳାଦ୍ରୀ ବିହାର ଫୟାର ଷ୍ଟେସନଠାରୁ ନୂତନ ଡ୍ରେନ ନମ୍ବର ୧ ପର୍ଯ୍ୟନ୍ତ ୧ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟରେ ଏକ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତଙ୍କ ଦ୍ୱାରା ଏହା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତାଙ୍କ ସମେତ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଲୋକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି।

### ବିଧାୟକଙ୍କ କରୋନା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ): ନୟାପଲ୍ଲୀ ୱାର୍ଡ ନଂ. ୩୯ ନୁଆସାହି ଆଖଣ୍ଡଳମଣି ସେବା ସଂସଦଠାରୁ ତାରିଣୀ ବସ୍ତି ପର୍ଯ୍ୟନ୍ତ ରବିବାର କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମଧ୍ୟ ବିଧାୟକ ଅନନ୍ତ ଜେନା ଯୋଗଦେଇ ଲୋକଙ୍କୁ ସଚେତନ କରିବା ସହ ମାସ୍କ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ରମାନାଥ ସାମନ୍ତରାୟ, ନବ କିଶୋର ବେହେରା, ରାଜ୍ୟ ସମ୍ପାଦକ (ବିଜୁ ଛାତ୍ର ଜନତା ଦଳ) ସାଗର ବଳବନ୍ତରାୟ, ସାଇଜ୍ୟୋତି ମହାସଂଘ, ଭୁବନେଶ୍ୱରୀ ମହାସଂଘର ସମସ୍ତ ସଦସ୍ୟ ଏବଂ ନୁଆସାହି ଆଖଣ୍ଡଳମଣି ପୂଜା କମିଟି ଓ ମୋରିୟା ଗ୍ରୁପର ସଦସ୍ୟମାନେ ଉପସ୍ଥିତ



# ଓଟିରେ ମୃତ୍ୟୁ, ହସ୍ପିଟାଲରେ ଉତ୍ତେଜନା

- ଅପରେଶନ ପୂର୍ବରୁ ନାବାଳକଙ୍କ ଜୀବନ ଗଲା
- ହସ୍ପିଟାଲ ଫାଟକକୁ ଅବରୋଧ କରି ହୋହଲ୍ଲା
- ଡାକ୍ତରଙ୍କ ଅବହେଳା ମୋ ପୁଅର ଜୀବନ ନେଲା

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

କରୋନା ପାଇଁ ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଥିବାବେଳେ ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳା ଅନେକ ଜୀବନ ନେଉଛି। ଶନିବାର ନୀଳାଦ୍ରିବିହାରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭେଣ୍ଟିଲେଟର କାଢ଼ି ଦେବାରୁ ସ୍ପାଇନାଲ କର୍ଡ ଅପରେଶନ ହୋଇଥିବା ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ରବିବାର ନୟାପଲ୍ଲୀସ୍ଥିତ ଏକ ଘରୋଇ ହସ୍ପିଟାଲରେ ଅପରେଶନ ପାଇଁ ଓଟିକୁ ଯାଇଥିବା ଜଣେ ନାବାଳକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତ ନାବାଳକ ଜଣକ ହେଲେ ଖଣ୍ଡଗିରି ଥାନା ଭରତପୁରର ବସନ୍ତ ପଣ୍ଡାଙ୍କ ପୁଅ ଶୁଭମ୍ (୧୩)। ଡାକ୍ତରଙ୍କ ଅବହେଳା ଓ ତ୍ରୁଟିପୂର୍ଣ୍ଣ ଇଞ୍ଜେକ୍ସନ ଯୋଗୁ ମୃତ୍ୟୁ ଘଟିଥିବା ଅଭିଯୋଗ ଆଣି ବସନ୍ତଙ୍କ ସମେତ ଶତାଧିକ ଲୋକ ହସ୍ପିଟାଲର ମୁଖ୍ୟ ଫାଟକକୁ ଅବରୋଧ କରି ହୋହଲ୍ଲା କରିଥିଲେ। ମୃତ ଛାତ୍ରଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ କ୍ଷତିପୂରଣ ଦାବି କରିବା ସହ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ହସ୍ପିଟାଲ ସମ୍ମୁଖରେ ବସି ରହିଥିଲେ। ଫଳରେ ଦୀର୍ଘ ସମୟ ଧରି ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ସୂଚନା ମୁତାବକ, ଗତ ୧୭ ତାରିଖରେ ଶୁଭମ୍ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ କାନ୍ଧ ହାଡ଼ ଭାଙ୍ଗି ଯାଇଥିଲା। ପ୍ରବଳ ଯନ୍ତ୍ରଣା ହେବାରୁ ଶନିବାର ପରିବାର ଲୋକେ ତାଙ୍କୁ ନୟାପଲ୍ଲୀସ୍ଥିତ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆବଶ୍ୟକ ପରୀକ୍ଷାନିରୀକ୍ଷା ପରେ ଡାକ୍ତର ଅପରେଶନ କରାଯିବ ଓ କାନ୍ଧରେ ପ୍ଲେଟ୍ ପଡ଼ିବ ବୋଲି କହିଥିଲେ। ରବିବାର ଅପରାହ୍ନରେ ତାଙ୍କୁ ଅପରେଶନ ଥିଏଟରକୁ ନିଆଯାଇଥିଲା। ମାତ୍ର ଏହାର ଅଧଘଣ୍ଟାଏ ଭିତରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯିବା ପରେ ପରିବାର ଲୋକେ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ଓଟି ଭିତରକୁ ଯିବାବେଳେ ଶୁଭମ୍ ପୂରା ଠିକ୍‌ଠାକ ଥିବାବେଳେ କିପରି ତାଙ୍କର ମୃତ୍ୟୁ ଘଟିଲା ବୋଲି ବାପା ବସନ୍ତ ପ୍ରଶ୍ନ କରିଛନ୍ତି। ଅପରେଶନ ପୂର୍ବରୁ ଆନାସ୍ଥେସିଆ ଇଞ୍ଜେକ୍ସନ ଦିଆଯିବା ପରେ ତାଙ୍କର ମୃତ୍ୟୁ ଘଟିଥିବାରୁ ତ୍ରୁଟିପୂର୍ଣ୍ଣ ଚିକିତ୍ସାକୁ ସେ ଦାୟୀ କରିଛନ୍ତି। ଘଟଣାର ତଦନ୍ତ କରି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

# ହାତୀ ଉପଦ୍ରବ, ଫସଲ ନଷ୍ଟ



ଚୌଦ୍ୱାର,୨୨।୧୧(ଡି.ଏନ୍.ଏ.):

ମଙ୍ଗରାଜପୁର ଫରେଷ୍ଟ ସେକ୍ସନ ଅଧୀନ ମହିଷାଲଣ୍ଡା, ବ୍ରହ୍ମପୁର, ମଙ୍ଗରାଜପୁର, ଶଙ୍କରପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ କିଛିଦିନ ହେବ ହାତୀ ଉପଦ୍ରବ ଜାରି ରହିଛି। ଚନ୍ଦକା ଜଙ୍ଗଲରୁ ୨୬ ଘରିଆ ହାତୀପଲ ଆସି ନିକଟସ୍ଥ ଗହଣ୍ଡା ଜଙ୍ଗଲରେ ରହୁଛନ୍ତି। ସନ୍ଧ୍ୟାହେଲେ ଗ୍ରାମକୁ ଆସି ଫସଲ ନଷ୍ଟ କରୁଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କିଛିଦିନ ତଳେ ହାତୀ ଆକ୍ରମଣରେ ମଙ୍ଗରାଜପୁର ରାମଚନ୍ଦ୍ରପୁର ଶାସନ ଗ୍ରାମର ଜଣେ ଯୁବକ ଗୁରୁତର ହୋଇଥିଲେ। ଫଳରେ ସନ୍ଧ୍ୟା ହେଲେ ହାତୀ ଭୟରେ ଲୋକମାନେ ବାହାରକୁ ବାହାରିବା ପାଇଁ ନିରାପଦ ମଣୁନାହାନ୍ତି। ଶନିବାର ଏହି ହାତୀପଲ ବ୍ରହ୍ମପୁର ପଞ୍ଚାୟତର ବହୁ ଚାଷୀଙ୍କ ବିଲରେ ପସି ଫସଲ ନଷ୍ଟ କରିବା ସହ ନିକଟରେ ଥିବା ଫାର୍ମ ହାଉସ ପାଚେରି ଭାଙ୍ଗି ଭିତରେ ଥିବା ଫଳଗଛ ଭାଙ୍ଗିଛନ୍ତି। ମଙ୍ଗରାଜପୁର ସେକ୍ସନରେ କାର୍ଯ୍ୟରତ କର୍ମଚାରୀ ହାତୀ ପଲଙ୍କୁ ପୂର୍ଣ୍ଣ ମାତ୍ରାରେ ଉକ୍ତ ଅଞ୍ଚଳରୁ ଘଉଡାଇବାରେ ବିଫଳ ହେଉଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗରାଜପୁର ଫରେଷ୍ଟର ମାଣିକ ମୁଣ୍ଡା କହିଛନ୍ତି, ଚନ୍ଦକା ଜଙ୍ଗଲରୁ ଆସିଥିବା ଏହି ହାତୀ ପଲଙ୍କୁ ଛାଡି ଡମଣୀ ଜଙ୍ଗଲରେ ୬ଟି ହାତୀ ଥିବା ଜଣାପଡିଛି। ହାତୀଙ୍କ ଗତିବିଧୀ ଉପରେ ବନ ବିଭାଗ ସତର୍କ ଦୃଷ୍ଟି ରଖିଛି।



ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଥିବା ଏକ କ୍ଷେତରେ ଜଣେ ଚାଷୀ ହଳ କରିବା ପରେ ମଇ ଦ୍ୱାରା ସମତୁଲ କରୁଛନ୍ତି।

## ଯୁବତୀଙ୍କୁ ଅଶ୍ଳୀଳ ବ୍ୟବହାର, ଯୁବକ ଗିରଫ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ): ଯୁବତୀଙ୍କୁ ପ୍ରେମ ନିବେଦନ ସହ ଅଶ୍ଳୀଳ ବ୍ୟବହାର କରିବା ଅଭିଯୋଗରେ ରବିବାର ଏୟାରଫିଲ୍ଡ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସୁନ୍ଦରପଦା ଅଞ୍ଚଳର ସୁଦର୍ଶନ ସାହୁ ଓରଫ ସୁଦନ(୩୫)। ପୋଲିସ ଏକ ମାମଲା (ନଂ.୨୪୮/୨୦) ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ସୁଦର୍ଶନ ଏକତରଫା ପ୍ରେମ କରି ରାସ୍ତାରେ ହଇରାଣ କରୁଥିଲେ। ଏପରି କି ତାଙ୍କୁ ବାହା ନ ହେଲେ ସେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଉଥିବା ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ।

# ଫୁଲ ଦୋକାନରେ ଭଙ୍ଗାରୁଜା, ୪ କିନ୍ନର ଗିରଫ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ):

କ୍ୟାପିଟାଲ ଥାନା ଅନ୍ତର୍ଗତ ଏଜି ଛକରେ ଥିବା ଏକ ଫୁଲ ଦୋକାନରେ ଭଙ୍ଗାରୁଜା କରିବା ସହ ଦୋକାନୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ୪ଜଣ କିନ୍ନରଙ୍କୁ ଗିରଫ କରିଛି। ସେମାନେ ହେଲେ ସତ୍ୟନଗର କାଳିମନ୍ଦିର ବସ୍ତିରେ ରହୁଥିବା ଶଙ୍କର କାଣ୍ଡି ଓରଫ୍ ପାପାଲି, ପ୍ରସାଦ ସାହୁ ଓରଫ୍ ଲିପ୍‌ସା, ପିଣ୍ଟୁ ମହାଗୌଡ଼ ଓରଫ୍ ମିକିନା ଏବଂ ମାନସ ପଟ୍ଟନାୟକ ଓରଫ୍ ମାନସି।
ଦୋକାନ ମାଲିକ ଅଭିମନ୍ୟୁ ସ୍ୱାଇଁଙ୍କ ଅଭିଯୋଗ ଅନୁସାରେ, ରବିବାର ମଧ୍ୟାହ୍ନରେ ଶଙ୍କର, ପିଣ୍ଟୁ, ପ୍ରସାଦ ଓ ମାନସ ତାଙ୍କ ଦୋକାନକୁ ଯାଇ ଫୁଲ ମାଗିଥିଲେ। ସେ ମନା କରିବାରୁ ଜବରଦସ୍ତ ଛଡାଇଥିଲେ। ଏହାସହ ତାଙ୍କର ଅର୍ଡର ଥିବା ଏକ ୨ ହଜାର ଟଙ୍କାର ଫୁଲ ସଜ୍ଜାକୁ ନଷ୍ଟ କରିବା ସହ ଦୋକନରେ ଭଙ୍ଗାରୁଜା କରିଥିଲେ। ଅଭିଯୋଗ ପରେ ପୋଲିସ ବଳପୂର୍ବକ ଫୁଲ ନେବା ଓ ଭଙ୍ଗା ରୁଜାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଘଟଣା ପରେ କିନ୍ନର ସଂଗଠନର କର୍ମକର୍ତ୍ତା ଥାନାରେ ପହଞ୍ଚି ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

# ‘ଅପରାଧମୁକ୍ତ ପୁରୀ ମୁଖ୍ୟ ଲକ୍ଷ୍ୟ’

**ପୁରୀ ଏସ୍‌ପି ଭାବେ ଦାୟିତ୍ୱ ନେଲେ କେ. ବିଶାଲ ସିଂ**



ପୁରୀ ଅଫିସ,୨୨।୧୧:

ପତିତପାବନଙ୍କୁ ଦର୍ଶନ କରି ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ପୁରୀର ନୂତନ ଏସ୍‌ପି ଭାବେ ଆଇପିଏସ୍ ଅଫିସର କେ. ବିଶାଲ ସିଂ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରବିବାର ପୂର୍ବାହ୍ନରେ ପୂର୍ବତନ ଏସ୍‌ପି ଅଖିଳେଶ୍ୱର ସିଂଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ପୋଲିସ ଅଧିକାରୀମାନେ ନୂତନ ଏସ୍‌ପିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟଭାର ଗ୍ରହଣ ପରେ ଅପରାଧୀଙ୍କୁ ଦେଇଛନ୍ତି କଡ଼ା ଚେତାବନୀ କେ. ବିଶାଲ ସିଂ। ଅପରାଧମୁକ୍ତ ପୁରୀ ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି। ଏହି ଅବସରରେ ଏସ୍‌ପି ସିଂ ଗଣମାଧ୍ୟମକୁ କହିଛନ୍ତି, ପିପିଲି ଥାନା ଥାର୍ଡ ଡିଗ୍ରୀ ଅଭିଯୋଗର ତଦନ୍ତ ଦାୟିତ୍ୱ ଡିଆଇଜିଙ୍କୁ ଦିଆଯାଇଛି। ଟାଉନ ଥାନାରେ ହୋଇଥିବା ଥାର୍ଡ ଡିଗ୍ରୀ ସଂକ୍ରାନ୍ତରେ ସେ ଅବଗତ ହେବା ପରେ ଯାହା କିଛି ପଦକ୍ଷେପ ନେବେ। ହାଜତ ମୃତ୍ୟୁ ଘଟଣା ସମ୍ପର୍କରେ କହିଥିଲେ, ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ ଅନୁସାରେ ଏହାର ତଦନ୍ତ ଚାଲିଛି। ଆଗକୁ ସତ୍ୟ କ’ଣ ତାହା ସ୍ପଷ୍ଟ ଜଣାପଡ଼ିବ। ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ ଚିଠି ଯାଇଛି ବୋଲି ଆଶା କରୁଥିବା ଏସ୍‌ପି କହିଥିଲେ। ସୂଚନାଥାଉ କି, ପୋଲିସ ହେପାଜତ ମୃତ୍ୟୁକୁ ନେଇ ଏସ୍‌ପି ଅଖିଳେଶ୍ୱର ସିଂଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି।

## କଟକ ନଗର କଂଗ୍ରେସ କମିଟିର ବନ୍ଧୁମିଳନ

କଟକ ଅଫିସ,୨୧।୧୧

କଟକ ନଗର କଂଗ୍ରେସ କମିଟି ପକ୍ଷରୁ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ତ୍ରିଶୁଳିଆଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ପୌରହିତ୍ୟ କରି କହିଥିଲେ, ଆଗାମୀ ପୌର ନିର୍ବାଚନରେ କଟକ ମହାନଗର ନିଗମର ସମସ୍ତ ୱାର୍ଡରେ କର୍ମୀମାନେ ସଙ୍ଗଠିତ ଉଦ୍ୟମ କଲେ କଂଗ୍ରେସ ନିଶ୍ଚିତ ଭାବେ ସିଏମ୍‌ସି କାଉନସିଲ ଗଠନ କରିପାରିବ। ନଗର ଜିଲା କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରା, ଭି. ଚନ୍ଦ୍ରଶେଖର ନାଇଡୁ, ଅଶୋକ ସାମଲ, କାଶୀନାଥ ମଲ୍ଲିକ, ସାବିତ୍ରୀ ଚୌଧୁରୀ, ପୁଷ୍ପା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଫାର୍ମାସୀ ସପ୍ତାହ ପାଳିତ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଅଫିସ,୨୨।୧୧

ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ଦ୍ୱାରା ୫୯ତମ ଜାତୀୟ ଫାର୍ମାସୀ ସପ୍ତାହ ରବିବାର ଏସ୍‌ସିବି ଫାର୍ମାସୀ ବିଭାଗରେ ପାଳିତ ହୋଇଯାଇଛି। ଚଳିତବର୍ଷ ଏହି ସପ୍ତାହ ପାଳନର ଥିମ୍ ରହିଛି ‘ଆଗ ଧାଡିର ସ୍ୱାସ୍ଥ୍ୟକର୍ମୀ ଫାର୍ମାସିଷ୍ଟ’। ଏହି କ୍ରମରେ ଉପସ୍ଥିତ ଅତିଥି ଓ ସଦସ୍ୟମାନେ ଆଗ ଧାଡିର ଏହି ସ୍ୱାସ୍ଥ୍ୟକର୍ମୀଙ୍କ ଚିକିତ୍ସା କ୍ଷେତ୍ରରେ ଅବଦାନ ଓ ଭୂମିକା ଉପରେ ଆଲୋକପାତ କରିଥିଲେ। ଔଷଧ ପ୍ରସ୍ତୁତି, ବିତରଣ, ଗବେଷଣା, ଡାକ୍ତରଙ୍କ ଅନୁପସ୍ଥିତିରେ ରୋଗୀ ସେବା, ମହାମାରୀରେ କ୍ଷେତ୍ର ସର୍ବେକ୍ଷଣ ଆଦି ଗୁରୁ ଦାୟିତ୍ୱକୁ ସୁଚାରୁ ରୁପେ ତୁଲାଉ ଥିବା ଫାର୍ମାସିଷ୍ଟମାନଙ୍କ ଅବଦାନ ଏକ ପ୍ରକାର ଆଢୁଆଳରେ ରହି ଯାଉଛି। ଯେତେ ଭଲ କାମ କଲେ ବି କର୍ମ କ୍ଷେତ୍ରରେ ପଦୋନ୍ନତି ଏମାନଙ୍କ ପାଇଁ ସ୍ୱପ୍ନ । ତେଣୁ ଫାର୍ମାସିଷ୍ଟମାନଙ୍କ ସମାସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଲୋଚନା ମାଧ୍ୟମରେ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ଏମ୍‌ପି ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀରସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଅଧୀକ୍ଷକ ଡା. ମହେନ୍ଦ୍ର କୁମାର ନାୟକ, ଏସ୍‌ସିବି ଫାର୍ମାସୀ କଲେଜର ପୂର୍ବତନ ମୁଖ୍ୟ ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାପାତ୍ର, ଅଧ୍ୟାପକ ସରୋଜ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ଦୀପ୍ତି ରଞ୍ଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଚିନ୍ମୟ କୁମାର ସିହ୍ନା, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଜେନା, ଉପସଭାପତି ସୁଧାଂଶୁ କୁମାର ପଣ୍ଡାଙ୍କ ସମେତ ଶତାଧିକ ଫାର୍ମାସିଷ୍ଟ ଉପସ୍ଥିତ ଥିଲେ। କୋଷାଧକ୍ଷ ପ୍ରଭାତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ଗୋପାଷ୍ଟମୀ ଅବସରରେ ରବିବାର କଟକ ମାଣିକଘୋଷ ବଜାରସ୍ଥିତ ମାରୱାଡି କ୍ଲବ ପରିସରରେ ଗୋ ପୂଜନ।

# ମଙ୍ଗଳାସାହି ଦଶହରା ପୂଜା କମିଟି ପୁନର୍ଗଠନ

ଚୌଦ୍ୱାର,୨୨।୧୧(ଡି.ଏନ୍.ଏ.):

ମଙ୍ଗଳାସାହି ଦଶହରା ପୂଜା କମିଟିର ଏକ ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୁରୁଣା କମିଟିକୁ ଭଙ୍ଗାଯାଇ ନୂତନ କମିଟି ଗଠନ କରାଯାଇଥିଲା। ନୂତନ କମିଟିରେ ସଭାପତି ଭାବେ ଦେବେନ୍ଦ୍ର ପୃଷ୍ଟି, ସମ୍ପାଦକ ସୁଶାନ୍ତ କୁମାର ବେହେରା, ଯୁଗ୍ମ କୋଷାଧକ୍ଷ ବିଚିତ୍ରାନନ୍ଦ ସାହୁ ଓ ସନ୍ତୋଷ କୁମାର ସାହୁଙ୍କୁ ନିର୍ବାଚିତ କରାଯାଇଥିଲା। ଏଥିସହ ଏକ ଉପଦେଷ୍ଟା କମିଟି ଗଠନ କରାଯାଇ କୈଳାସ ଚନ୍ଦ୍ର ବେହେରାଙ୍କୁ ସଭାପତି ଭାବେ ମନୋନିତ କରାଯାଇଥିଲା।

# ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ନାବାଳକଙ୍କୁ ସାବାଳକ ଦର୍ଶାଇ କୋର୍ଟଚାଲାଣ ଅଭିଯୋଗ**

ପିପିଲି, ୨୨।୧୧(ସ୍ୱ.ପ୍ର.)

ପିପିଲିଥାନାରେ ପୋଲିସ ଜଣେ ନାବାଳକଙ୍କୁ ସାବାଳକ ଦର୍ଶାଇ ବେଆଇନ ଭାବେ ଅଟକ ରଖି ମାଡ଼ ମାରି କୋର୍ଟଚାଲାଣ କରିବା ଅଭିଯୋଗରେ ରବିବାର ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ରାକେଶ ରୋଶନ ମହାନ୍ତି ଏକ ପିଟିଶନ ଦାଏର କରିଛନ୍ତି। ମହାନ୍ତି ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ପୋଲିସ ଆକ୍ରମଣ ଅଭିଯୋଗରେ ଜୟପୁର ଶାସନର ଜଣେ ଦଳିତ ନାବାଳକଙ୍କୁ ଉଠାଇ ଆଣି ୬ଦିନ ଅଟକ ରଖିଥିଲା। ଅନ୍ୟ ଅଭିଯୁକ୍ତଙ୍କ ସହ ତାଙ୍କୁ ମଧ୍ୟ ଥାନା ହାଜତରେ ରଖି ମାଡ଼ ମାରିଥିଲା। ନାବାଳକଙ୍କୁ ଗିରଫ ଓ କୋର୍ଟ ଚାଲାଣ ସମୟରେ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ପାଳନ କରାଯାଇ ନ ଥିବା ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ପୀଡ଼ିତ ନାବାଳକଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରି ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ସହ ଥାନା ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଆବେଦନକାରୀ କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୩ତାରିଖ ସନ୍ଧ୍ୟାରେ ସାଜିଦ୍ ହୁସେନ ନାମକ ପୋଲିସ ଇନଫର୍ମରଙ୍କୁ କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ମାମଲାରେ ପୋଲିସ ୬ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଥିଲେ।

# ନକଲି ଗୁଟ୍‌ଖା କାରଖାନାରେ ଚଢ଼ାଉ

ଭୁବନେଶ୍ୱର(ବ୍ୟୁରୋ)/ କଟକ (ଟାଙ୍ଗୀ) ୨୨।୧୧ (ଡି.ଏନ.ଏ.):

ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ବ୍ୟାଗ୍‌ରୁ ୩୦ଲକ୍ଷ ଟଙ୍କା ମିଳିବା ଘଟଣା ନୂଆ ମୋଡ଼ ନେଇଛି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଜବତ ହୋଇଥିବା ଟଙ୍କାର ଗୁମର ଫିଟାଇଛି ପୋଲିସ। ନକଲି ଗୁଟ୍‌ଖା ବ୍ୟବସାୟରୁ ଉକ୍ତ ଟଙ୍କା ଆସିଥିବା ଓ ଜିଏସ୍‌ଟି ଫାଙ୍କିବାକୁ ଏପରି କାରବାର ହୋଇଥିବା ଜଣାପଡିଛି। ତେବେ ବିନା କାଗଜପତ୍ରରେ ଜାଲ୍ କମ୍ପାନୀ କରାଯାଇ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଗୁଟ୍‌ଖା ପଠାଯାଉଥିବା ସୂଚନା ମିଳିଛି। ଖଣ୍ଡଗିରି ପୋଲିସର ସୂଚନା ଆଧାରରେ କଟକ ଟାଙ୍ଗୀ ଥାନା ପୋଲିସ ନିର୍ଗୁଣ୍ଡି ଷ୍ଟେଶନ ନିକଟରେ ଥିବା ଏକ ନକଲି ଗୁଟ୍‌ଖା ଓ ପାନମସଲା କାରଖାନା ଉପରେ ରବିବାର ଚଢାଉ କରିଛି। ୨ଜଣ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରୁଥିବାବେଳେ ମାଲିକ କ୍ଷୀରୋଦ ନାଥ ଫେରାର ହୋଇଯାଇଛନ୍ତି। ତେବେ ପୋଲିସ ଉକ୍ତ କାରଖାନାରୁ ବିପୁଳ ପରିମାଣର ନକଲି ଗୁଟ୍‌ଖା, ପାନମସଲା ଓ ମେଶିନ ଜବତ କରିଛି। ଏକ ଭଡ଼ାଘରେ ଦୀର୍ଘଦିନ ହେଲା ଉକ୍ତ ନକଲି କମ୍ପାନୀ ଚାଲୁଥିଲା ବୋଲି ଟାଙ୍ଗୀ ପୋଲିସ କହିଛି।

ଅନ୍ୟପକ୍ଷରେ ତଦନ୍ତବେଳେ ଛତିଆ, କଟକ, ଭୁବନେଶ୍ୱରରେ ନକଲି ଗୁଟ୍‌ଖା କାରଖାନା ଚାଲିଥିବା ପୋଲିସକୁ ସୂଚନା ମିଳିଛି। ଏଥିସହ ଜଟଣୀରେ ନକଲି ଗୁଟ୍‌ଖା ଓ ପାନ ମସଲାର ଗୋଦାମ ରହିଥିବାରୁ ଟ୍ରେନ୍ ଯୋଗେ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ମଧ୍ୟ ଅନୁମାନ କରାଯାଉଛି। ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବା ଜଣାପଡିଛି।

**ବ୍ୟାଗ୍‌ରୁ ମିଳିଥିବା ୩୦ଲକ୍ଷ ଟଙ୍କା ଗୁମର ଖୋଲିଲା**



ସୂଚନା ଅନୁଯାୟୀ, ଶୁକ୍ରବାର ଖଣ୍ଡଗିରି ତପୋବନ ଅଞ୍ଚଳରେ ଏକ ବ୍ୟାଗ୍‌ରେ ୩୦ଲକ୍ଷ ଟଙ୍କା ନେଇ ଯାଉଥିବା ମହାବୀର ପ୍ରସାଦ ଦାସ ନାମକ ଜଣେ ଯୁବକଙ୍କୁ ପୋଲିସ ଥାନାକୁ ନେଇ ଖୋଳତାଡ଼ ଆରମ୍ଭ କରିଥିଲା। ଛତିଆ ଅଞ୍ଚଳର ପ୍ରଳୟ ପାଢୀ ଥାନାରେ ପହଞ୍ଚି ନିଜକୁ ଜଣେ ପାନମସଲା ବ୍ୟବସାୟୀ ବୋଲି ପରିଚୟ ଦେବା ସହ ଉକ୍ତ ଟଙ୍କା ପାରଳାଖେମୁଣ୍ଡିରୁ ବ୍ୟବସାୟୀଙ୍କଠାରୁ କଲେକ୍ସନ କରାଯାଇଥିବା କହିଥିଲେ। ତେବେ ୨ଦିନ ବିତି ଯାଇଥିଲେ ମଧ୍ୟ ପ୍ରଳୟ ବ୍ୟବସାୟ ସଂକ୍ରାନ୍ତ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସର ସନ୍ଦେହ ହୋଇଥିଲା। ଅଟକ ଥିବା ମହାବୀରଙ୍କୁ ମାରାଥନ ଜେରା ପରେ ସେ ନକଲି ଗୁଟ୍‌ଖା ଓ ପାନ ମସଲା କାରଖାନା ସମ୍ପର୍କରେ ସୂଚନା ଦେଇଥିଲେ। ଏହା ସହ ଟଙ୍କା ଦାବି କରୁଥିବା ପ୍ରଳୟ ମିଛ କହୁଥିବା ଓ କ୍ଷୀରୋଦ ହିଁ ଏହି କାରବାର ଚଳାଇଥିବା ମହାବୀର ପୋଲିସକୁ କହିବା ପରେ ଉକ୍ତ ନକଲି କାରଖାନା ଉପରେ ଚଢ଼ାଉ କରାଯାଇଥିଲା।

